
# ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାର୍ଲଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨ ୦ ୨ ୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**The Wonderful Benefits of Praying in Tongues (Odia)**

# ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ

# ସୂଚୀପତ୍ର


| | | |
|---|---|---|
| ୧. | ପରଭାଷାରେ ପ୍ରାର୍ଥନା - ଏକ ଉପକ୍ରମ | ୧ |
| ୨. | ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ | ୨୪ |
| ୩. | ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ସହିତ ପରଭାଷାରେ ପ୍ରାର୍ଥନା କରିବାର ଦାନ ଲାଭ କରିବା ପାଇଁ ପ୍ରାର୍ଥନା | ୩୦ |

# ୧

# ପରଭାଷାରେ ପ୍ରାର୍ଥନା - ଏକ ଉପକ୍ରମ

ମୋର ବାଳକାବସ୍ଥାରେ ମୁଁ କୋଇମ୍ବାଟୁରସ୍ଥିତ ଅଲ୍ ସୋଲ୍ସ ଚର୍ଚ୍ଚ (CSI) ସଣ୍ଡେସ୍କୁଲ୍‌ରେ ଯୋଗ ଦେଉଥିଲି ଏବଂ ପରେ ଆମ ପରିବାର ବାଙ୍ଗାଲୁରୁସ୍ଥିତ ରିଚ୍‌ମଣ୍ଡ୍ ଟାଉନ୍ ମେଥୋଡିଷ୍ଟ୍ ଚର୍ଚ୍ଚ ଉପାସନାରେ ଯୋଗଦେଲୁ । ନୂତନ ନିୟମରେ ପବିତ୍ର ଆତ୍ମାଙ୍କ ଚଳପ୍ରଚଳ ଏବଂ ତାଙ୍କ କାର୍ଯ୍ୟ ଓ ଦାନସକଳ ବିଷୟରେ ଯାହା କୁହାଯାଏ ସେ ସମ୍ବନ୍ଧରେ ମୁଁ ଅଜ୍ଞ ଥିଲି । ଅଲ୍ ସୋଲ୍ସ ଚର୍ଚ୍ଚ ସଣ୍ଡେସ୍କୁଲ୍‌ରେ ଓ ମେଥୋଡ଼ିଷ୍ଟ୍ ଚର୍ଚ୍ଚରେ ଗ୍ରୀଷ୍ମଋତୁରେ ହେଉଥିବା ଅବକାଶକାଳୀନ ବାଇବଲ ସ୍କୁଲରେ ଯୋଗଦେବା ମୋତେ ଆନନ୍ଦ ଆଣିଦେଉଥିଲା । ଏହିସବୁ ମଣ୍ଡଳୀ ଦ୍ୱାରା ମୋ ଜୀବନରେ ଯାହା ବପନ କରାଯାଇଥିଲା ସେଥିନିମନ୍ତେ ମୁଁ ଅତ୍ୟନ୍ତ କୃତଜ୍ଞ ଅଟେ । ତେବେ, ବାଙ୍ଗାଲୁରୁର ବିଷପ୍ କଟନ୍ ବୟସ୍ ସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀ ପଢୁଥିବା ସମୟରେ ଏବଂ ମୋର ୧୩ତମ ଜନ୍ମଦିବସ ପୂର୍ବରୁ ସେହି ସ୍କୁଲ୍‌ର ଜଣେ ଶିକ୍ଷକ ଆଣ୍ଟ୍ରୀ ଟେଲର୍ ମୋତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଇଥିଲେ । ସେଣ୍ଟ୍ ପିଟର୍ ଚାପେଲ୍‌ର ଭେଷ୍ଟ୍ରି ଭିତରେ ଏକ ଅପରାହ୍ନରେ ସେ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତାରୂପେ ଗ୍ରହଣ କରିବାର ସାଧାରଣ ପ୍ରାର୍ଥନା କରିବା ପାଇଁ ମୋତେ କଢ଼ାଇ ନେଇଥିଲେ, କିଛି ଚମକପ୍ରଦ ଅନୁଭୂତି ମୁଁ ଲାଭ କରି ନ ଥିଲି । କୌଣସି ପ୍ରକାର ଆବେଗ, କୌଣସି ପ୍ରକାର ଅନୁଭବ ଯଦିବା ନ ଥିଲା, ତଥାପି ମୋ ଅନ୍ତରର ଗଭୀର ସ୍ଥାନରେ କିଛି ଗୋଟିଏ ନିର୍ଦ୍ଦିଷ୍ଟ ଓ ଶକ୍ତିଯୁକ୍ତ ବିଷୟ ଘଟିଥିଲା । ମୁଁ ପୁନର୍ଜନ୍ମ ପାଇଲି ! ଏହା କେଉଁଠୁ ଆସିଲା ମୁଁ ଜାଣେ ନାହିଁ, କିନ୍ତୁ ହଠାତ୍ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରିବା ଓ ତାଙ୍କର ଅନ୍ୱେଷଣ କରିବା ପାଇଁ ମୋ ମଧ୍ୟରେ ଏକ ଅବର୍ଣ୍ଣନୀୟ ଇଚ୍ଛା ଜାତ ହେଲା । ମଧ୍ୟାହ୍ନ ଭୋଜନ ବିରତି ସମୟରେ ମୁଁ ନିୟମିତରୂପେ ସେହି ଚାପେଲ୍‌କୁ ଯାଇ ଅନ୍ୟ ବାଳକମାନଙ୍କ ସହିତ ପ୍ରାର୍ଥନାରେ ଯୋଗ ଦେଉଥିଲି । ଶୀଘ୍ର ମୁଁ ବାଇବଲ ପଢ଼ିବା ଆରମ୍ଭ କଲି ଓ ଏହାକୁ ଭକ୍ଷ୍ୟ ସଦୃଶ ଗ୍ରହଣ କଲି । ମୁଁ ଅଧିକରୁ ଅଧିକ ବାଇବଲ ପଢ଼ିବାକୁ ଲାଗିଲି । ମୁଁ ପ୍ରତ୍ୟୁଷ ସମୟରେ ଉଠି ବାଇବଲ ପଢୁଥିଲି ଓ ପ୍ରାର୍ଥନା କରୁଥିଲି, ଏବଂ ଏହି ପ୍ରତ୍ୟୁଷ ସମୟ ବୃଦ୍ଧି ପାଇବାକୁ ଲାଗିଲା ।

ଗୋଟିଏ ବର୍ଷ ପରେ ଅପରାହ୍ନ ସମୟରେ ପ୍ରାର୍ଥନା ଦଳରେ ଯୋଗଦେଉଥିବା ବାଳକମାନଙ୍କୁ ଶ୍ରୀଯୁକ୍ତ ଆଣ୍ଟ୍ରୀ ଟେଲର୍ କହିଲେ ଯେ ସେ ଆମମାନଙ୍କୁ ଅନ୍ୟ ଏକ

ଚର୍ଚ୍ଚକୁ ନେଇଯିବେ ଯେଉଁଠାରେ ଆମମାନଙ୍କ ନିମନ୍ତେ ପ୍ରାର୍ଥନା ଉତ୍ସର୍ଗ କରାଯିବ ଯେପରି କି ଆମେମାନେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିବୁ । ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ କ'ଣ ସେ ବିଷୟରେ ସେ ଧର୍ମଶାସ୍ତ୍ରରୁ ଆମମାନଙ୍କୁ ବୁଝାଇଥିଲେ । ଆମେ ସମସ୍ତେ ଉଦ୍ଦୀପିତ ହୋଇଥିଲୁ । ମୁଁ ଏହାକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲି ଏବଂ ଯଥେଷ୍ଟ ସମୟ ଦେଇ ଏ ସମ୍ପର୍କିତ ଶାସ୍ତ୍ରାଂଶସମୂହ ଏବଂ ପ୍ରେରିତ ପୁସ୍ତକର ପ୍ରଥମ କେତେକ ଅଧ୍ୟାୟ ପଢ଼ିଥିଲି । ଶେଷରେ ସେହିଦିନ ଆସିଲା । ତାହା ଶନିବାର ଥିଲା । ସେ ଆମ କେତେକଙ୍କୁ ନେଇ ବାଙ୍ଗାଲୁରୁର ଗସ୍‌ପେଲ୍ ଷ୍ଟ୍ରିଟ୍‌ରେ ଥିବା ଏସେମ୍ଳିସ୍ ଅଫ୍ ଗଡ୍ ଚର୍ଚ୍ଚକୁ ଗଲେ । ତାହା ଏକ ଟିଣରେ ତିଆରି କୁଡ଼ିଆ ଘର ଥିଲା । ସେ ସମୟରେ ବୋଧହୁଏ ଉପାସନା ଗୃହ ନିର୍ମାଣାଧୀନ ଥିଲା । ମୁଁ ପ୍ରଥମ କରି ଏକ ଏସେମ୍ଳିସ୍ ଅଫ୍ ଗଡ୍ ଚର୍ଚ୍ଚରେ ଯୋଗଦେଲି, ଏବଂ ମୁଁ ଜାଣି ନ ଥିଲି କ'ଣ ଆଶା କରିବି । ଉପାସନାର ଆରମ୍ଭରେ କେତୋଟି ଗୀତ ଗାନ କରାଗଲା । ଗୀତଗୁଡ଼ିକ କାନରେ ଅତଡ଼ା ପକାଇବା ଭଳି ଅତି ଉଚ୍ଚ ସ୍ୱରରେ ଗାନ କରାଯାଉଥିଲା ଓ ମୋତେ ଶ୍ରୁତିକଟୁ ବୋଧ ହେଉଥିଲା । ଗୀତଗାଇବା ବନ୍ଦ ହେବା ପରେ ମୋତେ ଭଲ ଲାଗିଲା । ପ୍ରଚାର ମଧ୍ୟ ଅତି ଉଚ୍ଚ ସ୍ୱରରେ କରାଗଲା । ଲାଉଡ୍ ସ୍ପିକର୍‌ର ଶବ୍ଦ ଅଧିକ ଥିଲା ଏବଂ କେବେ କେହି ଏପରି ଉଚ୍ଚସ୍ୱରରେ ପ୍ରଚାର କରିବା ମୁଁ ଶୁଣି ନ ଥିଲି । ତା' ପରେ ସମୟ ଆସିଲା ପ୍ରାର୍ଥନା କରିବା ପାଇଁ । କେତେଜଣ ଆମମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଆରମ୍ଭ କଲେ । ସବୁ କିଛି ଗୋଳମାଳିଆ ମନେ ହେଉଥିଲା । କେବଳ ଚିତ୍କାର ଏବଂ ମୁଁ ଜାଣି ପାରି ନ ଥିଲି ମୁଁ କ'ଣ ଆଶା କରିବି ବା କ'ଣ କହିବି । ସେମାନେ ଯେ ଠିକ୍‌ରୂପେ ପରିଚାଳନା କରୁ ନ ଥିଲେ ତା' ନୁହେଁ, ମୁଁ ଏପରି ଏକ ପରିବେଶ ମଧ୍ୟକୁ କେବେ ଆସି ନ ଥିଲି । ସେମାନେ କହୁଥିଲେ, "ତୁମେ କହିବା ଆରମ୍ଭ କର", "ଏହା କୁହ"- ଏବଂ ମୁଁ ମଧ୍ୟ ତାହା କରିବାକୁ ଚାହୁଁଥିଲି, କିନ୍ତୁ ମୁଁ କିପରି କରିବି ଜାଣି ନ ଥିଲି । ମୋର ମନେ ପଡ଼େ ମୁଁ କିଛି ଅବୋଧ ଶବ୍ଦ କହିଲି, ଏବଂ ମୁଁ ଦ୍ୱନ୍ଦରେ ପଡ଼ିଲି ତାହା ମୁଁ କହିଲି ବା ଈଶ୍ୱର ମୋତେ ତାହା ଉଚ୍ଚାରଣ କରିବାକୁ ଦେଲେ । ମୁଁ ଅପେକ୍ଷା କରୁଥିଲି କେତେବେଳେ ଉପାସନା ଶେଷ ହେବ ଏବଂ ମୁଁ ଖୁସି ହୋଇଥିଲି ଯେତେବେଳେ ତାହା ଶେଷ ହେଲା ।

ସେହି ସନ୍ଧ୍ୟାରେ ମୁଁ ଘରକୁ ଫେରିଆସିଲି । ଘରର ଶାନ୍ତ ପରିବେଶ ମୋତେ ଭଲ ଲାଗିଲା । ମୁଁ ଯାହା ଦେଖିଥିଲି ଓ ଶୁଣିଥିଲି ତାର ସମୀକ୍ଷା କଲି ଏବଂ ମୁଁ ବଦ୍ଧପରିକର ହେଲି ଯେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଯାହା ଦେବେ ବୋଲି କହିଥିଲେ ତାହା ବାସ୍ତବ ଭାବରେ ମୁଁ ଅନୁଭବ କରିବି । ତେଣୁ ମୁଁ ଏକାନ୍ତରେ ଈଶ୍ୱରଙ୍କର ଅନ୍ୱେଷଣ କଲି, ମୋର

ଶେଯ ପାଖରେ ମୁଁ ସୁସ୍ଥିର ଭାବରେ ଆଣ୍ଠୁପାତିଲି ଏବଂ ଜଣେ ୧୪ ବର୍ଷର ବାଳକର ସରଳ ବିଶ୍ୱାସରେ ମୁଁ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲି । ମୁଁ ବୁଝିପାରୁ ନ ଥିଲି, କିନ୍ତୁ ଶିଶୁସୁଲଭ ବିଶ୍ୱାସର ପଦକ୍ଷେପ ନେଇ ମୋ' ଅନ୍ତରରୁ ଯାହା ନିର୍ଗତ ହେଉଥିଲା ତାହା କ୍ଷୀଣ ସ୍ୱରରେ ଉଚ୍ଚାରଣ କରୁଥିଲି । ତଥାପି ମୋ ମନରେ ଅନେକ ଚିନ୍ତା ଓ ପ୍ରଶ୍ନ ଜାଗ୍ରତ ହୋଇଥିଲା- ମୁଁ କ'ଣ ଛଳନା କରୁଛି ? ଏହା ପବିତ୍ରଆତ୍ମା ବୋଲି କିପରି ଜାଣିବି ? ଯଦି ମୁଁ ଯାହା କହୁଛି ତାହା ବୁଝି ପାରୁନି ତେବେ ଲାଭ କ'ଣ ? ପରଭାଷା କହିବାବେଳେ କାହିଁକି ମୋର ଆଶାଅନୁରୂପ କୌଣସି ଚିତ୍ତାକର୍ଷକ, ଅସାଧାରଣ ବା ଅଲୌକିକ ଅନୁଭୂତି ଲାଭ କରୁନାହିଁ ? ମୁଁ ତ ପ୍ରାୟ ଏକ ପ୍ରକାର ଧ୍ୱନି ପୁନରାବୃତ୍ତି କରୁଛି, ତେଣୁ ମୁଁ ଅନ୍ୟଭାଷାରେ  କଥା କହୁଛି କି ? ଅନେକ ପ୍ରଶ୍ନ, ଯାହା ମୋର ଶିଶୁସୁଲଭ ବିଶ୍ୱାସକୁ ଲୋପ କରିଦେବ ବୋଲି ମନେ ହେଉଥିଲା । କିନ୍ତୁ ମୋର ସଂକଳ୍ପ ଅତି ସରଳ ଥିଲା- ଯଦି ଏହା ବାଇବଲରେ ଉଲ୍ଲିଖିତ, ଯଦି ଯୀଶୁ ଏହା କହିଛନ୍ତି ଏବଂ ଶିଷ୍ୟମାନେ ଯଦି ଏହା ଅନୁଭବ କରିଛନ୍ତି, ତେବେ ଏହା ସତ୍ୟ ଅଟେ । ମୁଁ ସେହି ସତ୍ୟକୁ ନେଇ ରହିଲି । ଈଶ୍ୱରଙ୍କ ବାକ୍ୟକୁ ମୁଁ ପୁଣି ଅଧ୍ୟୟନ କରିବା ଆରମ୍ଭ କଲି, ଏବଂ ମୋର ହୃଦ୍‌ବୋଧ ହେଲା ମୁଁ ଯାହା ଅନୁଭବ କରୁଛି ଓ ଅଭ୍ୟାସ କରୁଛି ତାହା ଈଶ୍ୱରଙ୍କ ଆଡୁ ହେଉଅଛି । ଈଶ୍ୱରଙ୍କ ବାକ୍ୟ ମୋ ମଧ୍ୟରେ ଥିବା ସମସ୍ତ ସନ୍ଦେହ ଓ ଭୟକୁ ଦୂର କରିବାକୁ ଲାଗିଲା । ପରଭାଷାରେ ପ୍ରାର୍ଥନା କରିବା ଏବଂ ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସବୁ ବିଷୟରେ ବାଇବଲରୁ ମୁଁ ଯାହାସବୁ ଶିକ୍ଷା କଲି, ତାହା ମୋର ସମସ୍ତ ପ୍ରଶ୍ନ ଓ ସନ୍ଦେହକୁ ଦୂର କରିପାରିଥିଲା । ସେହି ସମୟଠାରୁ ମୁଁ ପରଭାଷାରେ ଅଧିକାଂଶ ସମୟ ପ୍ରାର୍ଥନା କରେ । ଘଣ୍ଟା ଘଣ୍ଟା ଧରି ଅବିରାମ ପ୍ରାର୍ଥନାରେ ଲାଗିରହିବା, ଆତ୍ମାରେ ପ୍ରାର୍ଥନା କରିବା ଅବର୍ଣ୍ଣନୀୟ ଆନନ୍ଦଜାତ କରିଥାଏ । ଆପଣ ବି ଏହା କରିପାରିବେ !

ଏହି ଅଧ୍ୟାୟରେ, ପରଭାଷାରେ ପ୍ରାର୍ଥନା କରିବା ବିଷୟରେ କେତେକ ସାଧାରଣ ପ୍ରଶ୍ନକୁ ଅନୁଧ୍ୟାନ କରାଯାଇଛି ଏବଂ ସେସବୁର ବାଇବଲଭିତ୍ତିକ ସରଳ ଓ ସୁବୋଧ୍ୟ ଉତ୍ତର ଦିଆଯାଇଛି । 'ପରଭାଷା କହିବା', 'ପରଭାଷାରେ ପ୍ରାର୍ଥନା କରିବା' ଓ 'ଆତ୍ମାରେ ପ୍ରାର୍ଥନା କରିବା' ବାକ୍ୟାଂଶସମୂହ ପୁସ୍ତକର ବିଭିନ୍ନ ସ୍ଥାନରେ ଅଦଳବଦଳ କରି ବ୍ୟବହୃତ ହୋଇଛି । ଯଦି ନିର୍ଦ୍ଦିଷ୍ଟଭାବେ ଅନ୍ୟ କିଛି କୁହାଯାଇନାହିଁ ତେବେ ଏ ସମସ୍ତ ବାକ୍ୟାଂଶର ଅର୍ଥ 'ପରଭାଷାରେ ପ୍ରାର୍ଥନା କରିବା' । ଅନେକ ଶାସ୍ତ୍ରାଂଶକୁ ବାରମ୍ବାର ବ୍ୟବହାର କରାଯାଇଛି, ଯେପରି କି ସେହି ଶାସ୍ତ୍ରାଂଶରେ ଥିବା ବିଭିନ୍ନ ପ୍ରସଙ୍ଗକୁ ଆଲୋଚନା କରାଯାଇପାରିବ ।

## ୧.  ପରଭାଷାରେ ପ୍ରାର୍ଥନା କରିବା କ'ଣ ?

ବିଶ୍ୱାସୀମାନେ ବିଶେଷ କରି ଏହି ପ୍ରଶ୍ନ ବାରମ୍ବାର ପଚାରିଥାନ୍ତି । ପରଭାଷା ବା ଅନ୍ୟାନ୍ୟ ଭାଷା କହିଲେ କ'ଣ ବୁଝାଏ (ଅନେକେ ମଧ୍ୟ ଏହାକୁ glossolalia କହନ୍ତି)

**ପରଭାଷାରେ ପ୍ରାର୍ଥନା କରିବା କହିଲେ ଏକ ଅଜଣା ଭାଷାରେ କହିବା, ଯାହା "ମନୁଷ୍ୟମାନଙ୍କ ଓ ଦୂତମାନଙ୍କ" ଭାଷା ହୋଇପାରେ ।**

ପରଭାଷାରେ ପ୍ରାର୍ଥନା ଈଶ୍ୱରଙ୍କର ଏକ ଅଲୌକିକ ଦାନ ଏବଂ ଏହାକୁ ଆମେ ସ୍ୱାଭାବିକ ପ୍ରକ୍ରିୟାରେ ଶିକ୍ଷା କରି ପାରିବା ନାହିଁ । ଅନେକ ଭାଷାବିତ୍ ଅଛନ୍ତି, ଯେଉଁମାନଙ୍କର ଅନେକ ଭାଷାକୁ ଶିକ୍ଷାକରିବା ଓ ସେହି ଭାଷାସବୁରେ କାର୍ଯ୍ୟ କରିବାର ସ୍ୱାଭାବିକ ଦକ୍ଷତା ରହିଥାଏ । ଅନେକେ ଏପରି ଅଛନ୍ତି ଯେଉଁମାନେ ପରିତ୍ରାଣପ୍ରାପ୍ତ ନୁହନ୍ତି । ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଦକ୍ଷତାକୁ ବ୍ୟବହାର କରି ନ ଥାନ୍ତି । ତେବେ ନୂତନ ନିୟମରେ କୁହାଯାଇଥିବା "ପରଭାଷାରେ କହିବା" ସ୍ୱାଭାବିକରୂପେ ଭାଷା ଜ୍ଞାନ ହାସଲ କରିବା ବିଷୟ ନୁହେଁ, ମାତ୍ର ପୃଥିବୀରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ ନିମନ୍ତେ ପବିତ୍ର ଆତ୍ମା ଅଲୌକିକ ଭାବରେ ଏକ ବା ଏକାଧିକ ଅଜଣା ଭାଷା କହିବାକୁ ଯେଉଁ ଶକ୍ତି ଦେଇଥାନ୍ତି ତାହାକୁ ବୁଝାଏ । ପେଣ୍ଟିକଷ୍ଟ ଦିବସରେ ଏହା ହିଁ ଘଟିଥିଲା ଯେତେବେଳେ ୧୨୦ ଜଣ ଯିହୁଦୀ ବିଶ୍ୱାସୀ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ । *"ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ" (ପ୍ରେରିତ ୨:୪)* । ମଧ୍ୟ ପ୍ରାଚ୍ୟର ବିଭିନ୍ନ ଭାଗରେ ରହୁଥିବା ଯିହୁଦୀମାନେ ସେତେବେଳେ ସପ୍ତସପ୍ତାହ ପର୍ବ ବା ପେଣ୍ଟିକଷ୍ଟ ପର୍ବ ପାଳନ କରିବାକୁ ଯିରୁଶାଲମକୁ ଆସିଥିଲେ । *"ସେମାନେ ଆଚମ୍ବିତ ଓ ଚମତ୍କୃତ ହୋଇ କହିବାକୁ ଲାଗିଲେ, ଦେଖ, ଏହି ଯେଉଁ ଲୋକମାନେ କଥା କହୁଅଛନ୍ତି, ସେମାନେ ସମସ୍ତେ କ'ଣ ଗାଲିଲୀୟ ନୁହନ୍ତି ? ତେବେ, ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ ?" (ପ୍ରେରିତ ୨:୭,୮)* ।

ପରବର୍ତ୍ତୀ ସମୟରେ କରିନ୍ଥୀୟ ମଣ୍ଡଳୀକୁ ଲିଖିତ ପତ୍ରରେ ପ୍ରେରିତ ପାଉଲ ପରଭାଷା ପ୍ରସଙ୍ଗରେ କହନ୍ତି, *"ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କଥା କହେ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୁଁ ଶବ୍ଦକାରକ ଘଣ୍ଟା କିମ୍ବା ଝମ୍ ଝମ୍ ଶବ୍ଦକାରୀ କରତାଳସ୍ୱରୂପ ହୋଇଅଛି" (୧କରିନ୍ଥୀ ୧୩:୧)* । ସେ ଏଠାରେ ପରଭାଷା ବା ଅନ୍ୟକୌଣସି ଆତ୍ମିକ ଦାନକୁ ବା ଆମର ସତ୍କର୍ମସବୁକୁ ବିଦ୍ରୂପ କରି କହୁନାହାନ୍ତି, ସେ କେବଳ ଏଠାରେ କହିବାକୁ ଚାହିଁଛନ୍ତି ଯେ ଈଶ୍ୱର ଆମକୁ ଯେଉଁସବୁ କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି

ସେସବୁ ଆମେ କରୁଥିଲେ ସୁଦ୍ଧା ପ୍ରେମରେ ଆଚରଣ କରିବା ଏକ ଉଚ୍ଚତର ବିଷୟ ଅଟେ, ଯାହା ସେ ୧କରିନ୍ଥୀ ୧୩ ପର୍ବରେ ଆଲୋଚନା କରନ୍ତି । ତେଣୁ ପରଭାଷା ପ୍ରସଙ୍ଗରେ ପାଉଲ କହନ୍ତି ଯେ ଆମେ ପାର୍ଥିବ ଭାଷାସକଳ ବା ଦୂତମାନଙ୍କ ଭାଷାରେ କହିପାରୁ । ଈଶ୍ୱର ସମସ୍ତ ଭାଷା ବୁଝିପାରନ୍ତି, ପ୍ରତ୍ୟେକ ଶବ୍ଦ ବୁଝିପାରନ୍ତି- ମନୁଷ୍ୟମାନଙ୍କର ହେଉ ବା ଦୂତମାନଙ୍କ ହେଉ । ଏଠାରେ ଅନ୍ୟ ଏକ ମନ୍ତବ୍ୟ ଦିଆଯାଇପାରେ ଯେ ଯଦି ଜଣେ ବିଶ୍ୱାସୀ ପରଭାଷାରେ ଏବଂ ଦୂତମାନଙ୍କ ଭାଷାରେ କହୁଛି ତେବେ କେହି ତା'ର ବ୍ୟାଖ୍ୟା କରିପାରିବେ ନାହିଁ, ଯଦି ପବିତ୍ରଆତ୍ମା ଅନ୍ୟକାହାକୁ ପରଭାଷାର ଅର୍ଥ ପ୍ରକାଶ କରିବାର ଅଲୌକିକ ସାମର୍ଥ୍ୟ ନ ଦିଅନ୍ତି ।

**ପରଭାଷାରେ ପ୍ରାର୍ଥନା କରିବାର ଅର୍ଥ ପବିତ୍ରଆତ୍ମାଙ୍କ ଶକ୍ତିରେ ପ୍ରାର୍ଥନା କରିବା**

"ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ" (ପ୍ରେରିତ ୨:୪) ।

"କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ମନ ଫଳହୀନ ହୁଏ" (୧କରିନ୍ଥୀ ୧୪:୧୪) ।

ଯେତେବେଳେ ଆମେ ପରଭାଷାରେ ପ୍ରାର୍ଥନା କରୁ, ଆମର ଆତ୍ମା ପବିତ୍ର ଆତ୍ମାଙ୍କଠାରୁ ଶକ୍ତିପ୍ରାପ୍ତ ହୋଇ ପ୍ରାର୍ଥନା କରିଥାଏ । ପବିତ୍ର ଆତ୍ମା ହିଁ ଭାଷା, ଶବ୍ଦଗୁଡ଼ିକ ଓ ତଥ୍ୟ ପ୍ରଦାନ କରିଥାନ୍ତି । ପବିତ୍ର ଆତ୍ମା ଏହା ଆମର ଆତ୍ମା ନିକଟରେ ମୁକ୍ତ କରିଥାନ୍ତି । ବିଶ୍ୱାସରେ ଓ ସ୍ୱଇଚ୍ଛାରେ ଏହା ଆମେ କହିଥାଉ ଏବଂ ଆମର ଆତ୍ମାରୁ ଆମର ସ୍ୱରତନ୍ତ୍ରୀ ଦ୍ୱାରା ଶବ୍ଦାବଳୀ ପ୍ରବାହିତ ହୋଇଥାଏ, ଏବଂ ଆମର କଣ୍ଠ, ଧ୍ୱନିମାତ୍ରା, ଶୈଳୀ, ଆବୃତ୍ତି ଅନୁସାରେ ତାହା ପ୍ରକାଶ ପାଇଥାଏ । ପ୍ରାର୍ଥନାର ବିଷୟବସ୍ତୁ ମଧ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ଆସିଥାଏ ଏବଂ ଆମେ କେବଳ ପ୍ରାର୍ଥନାରେ ତାଙ୍କ ସହିତ ଅଂଶୀ ହୋଇଥାଉ ଓ ସେ ଯେପରି ଚାହାନ୍ତି ସେପରି ଭାବରେ ପ୍ରାର୍ଥନା କରିଥାଉ । ତେଣୁ ପରଭାଷାରେ ପ୍ରାର୍ଥନା କରିବାର ଅର୍ଥ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ପ୍ରାର୍ଥନା କରିବା । ଏହି ସମୟରେ ଆମର ମନ ଜାଣିପାରେ ନାହିଁ କ'ଣ ପ୍ରାର୍ଥନା କରାଯାଉଛି, ଅର୍ଥାତ୍ ଏହା ଆମ ନିମନ୍ତେ ଅବୋଧ ହୋଇଥାଏ । ପରଭାଷାରେ ପ୍ରାର୍ଥନା କଲେ, ଆମର ମନ "ବିଶ୍ରାମ" ପାଏ, କାରଣ ଆମର ଆତ୍ମା ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ପ୍ରାର୍ଥନା କରେ ।

**ପରଭାଷାରେ ପ୍ରାର୍ଥନା କରିବା ଏକ ଈଶ୍ୱର-ଦତ୍ତ ମାର୍ଗ ଯଦ୍ଦ୍ୱାରା ଆମେ ସିଧାସଳଖ ଈଶ୍ୱରଙ୍କୁ କଥା କହୁ ଓ ସେ ତାହା ବୁଝିଥାନ୍ତି**

"କାରଣ ଯେ ପରଭାଷାରେ କଥା କହେ, ସେ ମନୁଷ୍ୟକୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ" (୧କରିନ୍ଥୀ ୧୪:୨)।

"ଆଉ, ସେହି ପ୍ରକାରେ ଆତ୍ମା ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କ'ଣ ପ୍ରାର୍ଥନା କରିବା ଉଚିତ୍, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି; ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କ'ଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି" (ରୋମୀ ୮: ୨୬,୨୭)।

ପରଭାଷାରେ ପ୍ରାର୍ଥନା କରିବାର ମୂଳ ଉଦ୍ଦେଶ୍ୟ ମନୁଷ୍ୟ ନିକଟରେ ନୁହେଁ ମାତ୍ର ଈଶ୍ୱରଙ୍କ ନିକଟରେ କଥା କହିବା। ପରଭାଷାରେ କହିବା ପ୍ରାର୍ଥନାର ଏକ ଭାଷା ଭାବରେ ଆମମାନଙ୍କୁ ଦିଆଯାଏ। ଯଦିବା ପରଭାଷାରେ କହିବାର ଅନ୍ୟାନ୍ୟ ଉଦ୍ଦେଶ୍ୟ ରହିଛି (ଏବିଷୟରେ ପରେ ଆଲୋଚିତ ହେବ), ତଥାପି ଏହାର ପ୍ରାଥମିକ ଉଦ୍ଦେଶ୍ୟ ଈଶ୍ୱରଙ୍କ ସଙ୍ଗେ ସହଭାଗିତା ରକ୍ଷା କରିବା (୧କରିନ୍ଥୀ ୧୪:୨)।

ରୋମୀ ୮:୨୬,୨୭ ରେ ପ୍ରେରିତ ପାଉଲ ବର୍ଣ୍ଣନା କରନ୍ତି ଯେ ପବିତ୍ର ଆତ୍ମା ଆମର ଦୁର୍ବଳତାରେ ଆମକୁ ସାହାଯ୍ୟ କରନ୍ତି ଓ ଆମେ ଯେପରିଭାବେ ପ୍ରାର୍ଥନା କରିବା ଉଚିତ ସେଥିରେ ଆମକୁ ଚାଳିତ କରନ୍ତି। ସେ ସ୍ୱୟଂ "ଅକଥନୀୟ ଆର୍ତ୍ତନାଦରେ" ଆମମାନଙ୍କ ନିମନ୍ତେ ନିବେଦନ କରନ୍ତି, ଅର୍ଥାତ୍ ଏହି ଆର୍ତ୍ତନାଦକୁ ଆମେ ବୁଝିପାରି ନ ଥାଉ। ଆମେ ଜାଣୁ ଯେ ଆମେମାନେ ପବିତ୍ର ଆତ୍ମାଙ୍କ ସହିତ ଏହି ନିବେଦନରେ ସାମିଲ ହେଉ ଓ ଯୋଗଦାନ କରୁ, କାରଣ ୨୭ ପଦରେ ପାଉଲ କହନ୍ତି ଯେ ଈଶ୍ୱର ଆମମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି ଓ ସେ ଆତ୍ମାଙ୍କ ଭାବ କଅଣ, ତାହା ଜାଣନ୍ତି।

ତେଣୁ, ରୋମୀ ୮:୨୬,୨୭ର ମୁଖ୍ୟ ପ୍ରସଙ୍ଗ ହେଉଛି ଯେ ମୁଁ ଯେତେବେଳେ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କରେ ମୁଁ ନିବେଦନ କରିଥାଏ, ପ୍ରାୟଶଃ ଅବୋଧ୍ୟ ଧ୍ୱନିରେ ତାହା କରିଥାଏ। ଈଶ୍ୱର ଯେ କି ହୃଦୟ ଅନୁସନ୍ଧାନ କରନ୍ତି ସେ ନିବେଦନର ଅଭିବ୍ୟକ୍ତିକୁ ବୁଝିପାରିଥାନ୍ତି। ଏହି ନିବେଦନରେ କୁହାଯାଇଥିବା ଓ ପ୍ରକଶ କରାଯାଇଥିବା ବିଷୟବସ୍ତୁ ଈଶ୍ୱରଙ୍କ ଇଚ୍ଛାନୁସାରେ ଅଭିବ୍ୟକ୍ତ ହୋଇଥାଏ। ଏବଂ ଶେଷରେ, ଏହି ପ୍ରକାରେ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ନିବେଦନ (ପ୍ରାର୍ଥନା) କରିବା ଦ୍ୱାରା ମୁଁ ପବିତ୍ର

ଆତ୍ମାଙ୍କଠାରୁ ସାହାଯ୍ୟ ପାଇଥାଏ ଓ ଶାରୀରିକ ଦୁର୍ବଳତାସବୁ ଉପରେ ବିଜୟୀ ହୋଇଥାଏ (ରୋମୀ ୮:୧୩ ଅନୁସାରେ ଶରୀରର କର୍ମସବୁକୁ ବିନାଶ କରିଥାଏ) ।

### ପରଭାଷାରେ ପ୍ରାର୍ଥନା କରିବା ଦ୍ୱାରା ଜଣେ 'ନିଗୂଢ଼ ବିଷୟ' କହିଥାଏ

"କାରଣ ଯେ ପରଭାଷାରେ କଥା କହେ, ସେ ମନୁଷ୍ୟକୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ" (୧କରିନ୍ଥୀ ୧୪:୨) ।

"କିନ୍ତୁ ଯେପରି ଲେଖାଅଛି, 'ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି' । କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପବିତ୍ର ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି, ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି" (୧କରିନ୍ଥୀ ୨:୯,୧୦) ।

ପରଭାଷାରେ ପ୍ରାର୍ଥନା କରିବାବେଳେ ଆମେ ନିଗୂଢ଼ ବିଷୟ ପ୍ରକାଶ କରିଥାଉ । ନିଗୂଢ଼ ବିଷୟକୁ ମନୁଷ୍ୟର ମନ ଜାଣିପାରେ ନାହିଁ, କିନ୍ତୁ ଈଶ୍ୱରଙ୍କ ଆତ୍ମା ତାହା ଜାଣନ୍ତି । ଅନେକ ବିଷୟ ଅତୀତରେ ଘଟିସାରିଛି, ବର୍ତ୍ତମାନ ଘଟୁଛି ବା ଭବିଷ୍ୟତରେ ଘଟିବ ଯାହା ମୁଁ ଆଦୌ ଜାଣି ନାହିଁ । ମୋ ବିଷୟରେ ବା ଅନ୍ୟମାନଙ୍କ ବିଷୟରେ କେତେକ ବିଷୟରେ ପ୍ରାର୍ଥନା କରିବା ଆବଶ୍ୟକ ହୋଇଥାଏ, କିନ୍ତୁ ମୋ ମନ ତାହା ଜାଣି ନ ଥାଏ । ଯେହେତୁ ପବିତ୍ର ଆତ୍ମା ସମସ୍ତ ବିଷୟ ଜାଣନ୍ତି, ଯେତେବେଳେ ମୁଁ ଆତ୍ମାରେ ପ୍ରାର୍ଥନା କରେ, ସେ ମୋ ଦ୍ୱାରା ସେବିଷୟରେ ପ୍ରାର୍ଥନା (ନିବେଦନ) କରନ୍ତି । ଉଦାହରଣ ସ୍ୱରୂପ, ମୁଁ ଜାଣିଥିବା ଜଣେ ବ୍ୟକ୍ତିର ଜୀବନରେ ଆଗାମୀ ସପ୍ତାହଗୁଡ଼ିକରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଘଟିବାକୁ ଯାଉଛି, ଯାହା ମୁଁ ଜାଣିନାହିଁ । କିନ୍ତୁ ମୁଁ ପରଭାଷାରେ ପ୍ରାର୍ଥନା କଲେ ପବିତ୍ର ଆତ୍ମା ମୋ ଦ୍ୱାରା ସେହି ବ୍ୟକ୍ତିର ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରିବେ, ଯଦିବା ସେବିଷୟ ମୋର ଅଜଣା, ଓ ସେହି ବିଷୟରେ ମୁଁ ପ୍ରାର୍ଥନା କରିଛି ବୋଲି ମୁଁ ଜାଣି ନାହିଁ । କିନ୍ତୁ ଯେଉଁ ପ୍ରାର୍ଥନାର ଆବଶ୍ୟକତା ଥିଲା, ତାହା ପୂରା କରାଯାଇଛି ।

"ନିଗୁଢ଼ତତ୍ତ୍ୱ" ଶବ୍ଦ ନୂତନ ନିୟମରେ ବ୍ୟବହୃତ ହୋଇଛି (୧କରିନ୍ଥୀ ୨:୭) ଯାହାର ଅର୍ଥ ଈଶ୍ୱରଙ୍କର ଗୁପ୍ତଜ୍ଞାନ, ଯୋଜନା ଓ ଉଦ୍ଦେଶ୍ୟ । ଏହା ସେହି ବିଷୟଗୁଡ଼ିକ ସମ୍ପର୍କରେ କହେ ଯାହା ଈଶ୍ୱର ଆମମାନଙ୍କ ନିମନ୍ତେ ପ୍ରସ୍ତୁତ କରିଛନ୍ତି, ଯେଉଁସବୁକୁ ମାନବ ଚକ୍ଷୁ ଦେଖିନାହିଁ, କି କର୍ଣ୍ଣ ଶୁଣିନାହିଁ ବା ମନୁଷ୍ୟ କେବେ କଳ୍ପନା କରିନାହିଁ । ଏସବୁ ଈଶ୍ୱରଙ୍କର ଗଭୀର ବିଷୟ ଯାହା କେବଳ ଆତ୍ମା ହିଁ ଜାଣନ୍ତି । ତେଣୁ ଯେତେବେଳେ

ଆମେ ଆତ୍ମାରେ ପ୍ରାର୍ଥନା କରୁ, ଆମେ ଈଶ୍ୱରଙ୍କ ଗୁପ୍ତଜ୍ଞାନ, ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟ ଏବଂ ଈଶ୍ୱରଙ୍କ ଗଭୀର ବିଷୟସବୁକୁ ନେଇ ପ୍ରାର୍ଥନା କରୁ । ଆମେମାନେ ପ୍ରାର୍ଥନାରେ ଈଶ୍ୱରଙ୍କୁ ଏହି ନିଗୁଢ଼ତତ୍ତ୍ୱସବୁ ଜଣାଉନାହୁଁ, କାରଣ ସେ ଏସବୁ ଜାଣନ୍ତି । ତା' ପରିବର୍ତ୍ତେ, ଏହି ନିଗୁଢ଼ତତ୍ତ୍ୱସବୁ ବିଷୟରେ ପ୍ରାର୍ଥନା କରୁ, କାରଣ ସେସବୁ ଏହି ପୃଥିବୀ ସମ୍ବନ୍ଧୀୟ ଓ ଆମ ନିମନ୍ତେ ଉଦ୍ଦିଷ୍ଟ । ପ୍ରଥମତଃ, ମୁଁ ବିଶ୍ୱାସ କରେ, ଆମେ ବିଭିନ୍ନ ନିଗୁଢ଼ତତ୍ତ୍ୱ ବିଷୟରେ ପ୍ରାର୍ଥନା କରୁ ଯେପରି କି ସେସବୁ ଯେପରି ସ୍ୱର୍ଗରେ ସେପରି ପୃଥିବୀରେ ସାଧିତ ହେବ । ସେସବୁ ବିଷୟରେ ଆମମାନଙ୍କ ନିମନ୍ତେ ଈଶ୍ୱରଙ୍କର ଯୋଜନା ଓ ଉଦ୍ଦେଶ୍ୟ ରହିଛି ଏବଂ ଆମେ ପରଭାଷାରେ ପବିତ୍ରଆତ୍ମାଙ୍କ ସାହାଯ୍ୟରେ ସେସବୁର କାର୍ଯ୍ୟକାରିତାକୁ ନେଇ ପ୍ରାର୍ଥନା କରୁ । ଦ୍ୱିତୀୟତଃ, ଆମେ ଏସବୁ ନିଗୁଢ଼ତତ୍ତ୍ୱକୁ ନେଇ ପ୍ରାର୍ଥନା କରୁ, ଯେପରି କି ଆତ୍ମା ସେସବୁକୁ ଆମ ନିକଟରେ ପ୍ରକାଶ କରନ୍ତି (୧କରିନ୍ଥୀ ୨:୧୦) । ଆମର ଆତ୍ମା ଈଶ୍ୱରଙ୍କର ଜ୍ଞାନ, ଯୋଜନାସବୁ, ଉଦ୍ଦେଶ୍ୟସବୁ ଓ ଗଭୀର ବିଷୟସବୁକୁ ବୁଝିପାରେ ।

### ପରଭାଷାରେ ପ୍ରାର୍ଥନା କରିବାକୁ "ଆତ୍ମାରେ ପ୍ରାର୍ଥନା କରିବା" ମଧ୍ୟ କୁହାଯାଏ

"କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ । ତେବେ କର୍ତ୍ତବ୍ୟ କ'ଣ ? ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି; ପୁଣି, ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି; ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି, ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି । ନଚେତ୍ ତୁମ୍ଭେ ଯଦି ଆତ୍ମା ଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ଆମେନ୍ କହିବ ?" (୧କରିନ୍ଥୀ ୧୪:୧୪-୧୬) ।

"ସର୍ବ ପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି, ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର" (ଏଫିସୀ ୬:୧୮) ।

ଲକ୍ଷ୍ୟ କରନ୍ତୁ ପାଉଲ ଏଠାରେ "ପରଭାଷାରେ ପ୍ରାର୍ଥନା", "ଆତ୍ମା ଦ୍ୱାରା ପ୍ରାର୍ଥନା", "ଆତ୍ମା ଦ୍ୱାରା ସ୍ତୁତିଗାନ", "ଆତ୍ମା ଦ୍ୱାରା ଧନ୍ୟବାଦ" ବିଷୟରେ କହନ୍ତି ଏବଂ ଏସବୁ ପରଭାଷାରେ କହିବା ସନ୍ଦର୍ଭରେ ହିଁ କୁହାଯାଏ । ପରଭାଷାରେ ପ୍ରାର୍ଥନା କରିବାକୁ ମଧ୍ୟ "ଆତ୍ମାରେ ପ୍ରାର୍ଥନା" କରିବା କୁହାଯାଏ, କାରଣ ପ୍ରାର୍ଥନା କରିବାବେଳେ ଆମର ଆତ୍ମା ପବିତ୍ରଆତ୍ମାଙ୍କ ଦ୍ୱାରା ଶକ୍ତିପ୍ରାପ୍ତ ହୋଇଥାଏ । ନୂତନ ନିୟମରେ ପାଉଲ ଯେଉଁଠାରେ "ଆତ୍ମାରେ ପ୍ରାର୍ଥନା" କରିବା ସମ୍ପର୍କରେ କହନ୍ତି, ସେ ସର୍ବଦା "ପରଭାଷାରେ ପ୍ରାର୍ଥନା" କରିବା ଅର୍ଥରେ କହିଥାନ୍ତି । ଆଦ୍ୟ ମଣ୍ଡଳୀ ଏହାକୁ ଏହି ଭାବରେ ହିଁ ବୁଝୁଥିଲେ ।

ନୂତନ ନିୟମ ପେଣ୍ଟିକଷ୍ଟ ଦିବସ ପରେ ଲିଖିତ ହୋଇଥିବାରୁ ଖ୍ରୀଷ୍ଟିୟାନମାନେ ପରଭାଷା କହିବାରେ ଅଭ୍ୟସ୍ତ ଥିଲେ । ତେଣୁ ଯାହା ଲେଖାଯାଇଛି ଓ ଯେଉଁ ଭାଷା ବ୍ୟବହୃତ ହୋଇଛି, ତାହା ପରଭାଷା କହୁଥିବା ବିଶ୍ୱାସୀମାନେ ହିଁ ଲେଖିଛନ୍ତି । ପ୍ରେରିତ ପାଉଲ ଯାହାଙ୍କ ଲେଖା ନୂତନ ନିୟମର ଦୁଇ ତୃତୀୟାଂଶ ସ୍ଥାନ ଅଧିକାର କରିଛି ସେ କହନ୍ତି, *"ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକରୂପେ ପରଭାଷାରେ କଥା କହେ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି" (୧କରିନ୍ଥୀ ୧୪:୧୮)* । ତେଣୁ ଆମେ ନିରାପଦରେ କହିପାରିବା "ଆତ୍ମାରେ ପ୍ରାର୍ଥନା" କରିବାର ଅର୍ଥ ଅଧିକ ଆକୁଳ ଭାବେ, ବା ଗଭୀର ଭାବାବେଗର ସହିତ ବା ଅଧିକ ଶକ୍ତି ଖଟାଇ ପ୍ରାର୍ଥନା କରିବା ନୁହେଁ, ଯେପରି କେତେ ଜଣ କହିଥାନ୍ତି । ଆତ୍ମାରେ ପ୍ରାର୍ଥନା କରିବାର ଅର୍ଥ ପରଭାଷାରେ ପ୍ରାର୍ଥନା କରିବା, ଯଦିବା ଏହି ସମୟରେ ଜଣେ ପ୍ରଗାଢ଼ତା, ଆବେଗ, ଅନୁରାଗ, ଶକ୍ତି, ଅବୋଧ ଆର୍ତ୍ତନାଦ, ଇତ୍ୟାଦିର ସହିତ ପ୍ରାର୍ଥନା କରିପାରେ ।

## ୨. ପରଭାଷାର ବିଭିନ୍ନତା କ'ଣ ?

"ଅନୁଗ୍ରହ ଦାନ ବିଭିନ୍ନ ପ୍ରକାର, କିନ୍ତୁ ଆତ୍ମା ଏକ; ସେବା ବିଭିନ୍ନ ପ୍ରକାର, ଆଉ ପ୍ରଭୁ ଏକ; କାର୍ଯ୍ୟ ବିଭିନ୍ନ ପ୍ରକାର, କିନ୍ତୁ ଈଶ୍ୱର ଏକ, ସେ ସମସ୍ତଙ୍କଠାରେ ସମସ୍ତ ସାଧନ କରନ୍ତି" (୧କରିନ୍ଥୀ ୧୨:୪-୬) ।

ଏଠାରେ "ବିଭିନ୍ନ ପ୍ରକାର" ବାକ୍ୟାଂଶର ଗ୍ରୀକ୍ ପ୍ରତିଶବ୍ଦ 'diaireseis' ଯାହାର ଅର୍ଥ ପ୍ରଭେଦ, ପାର୍ଥକ୍ୟ, ବିତରଣ, ବିବିଧତା, ବହୁଗୁଣିତ, ବହୁତ, ଅଲଗା ପ୍ରକାର ।

- ବିଭିନ୍ନ ପ୍ରକାର **ଅନୁଗ୍ରହଦାନ** ରହିଛି, ମାତ୍ର ଉତ୍ସ ପବିତ୍ରଆତ୍ମା । ଦାନର ଗ୍ରୀକ୍ ପ୍ରତିଶବ୍ଦ 'Charismata', ଯାହାର ଅର୍ଥ "ଆତ୍ମିକ ଗୁଣାବଳୀ", "ଅଯାଚିତ ଭାବରେ ପ୍ରାପ୍ତ ଏକ ଐଶୀଦାନ", "ଏକ ମୁକ୍ତ ଦାନ" । ପବିତ୍ରଆତ୍ମା ହିଁ ଏସମସ୍ତ ଦାନର ଉତ୍ସ ।
- ବିଭିନ୍ନ ପ୍ରକାର **ପରିଚାଳନା** । ପରିଚାଳନା ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ 'diakonia', ଯାହାର ଅର୍ଥ "ଜଣେ ସେବକ, ସେବାକାର୍ଯ୍ୟସମୂହ, ପଦର ଦାୟିତ୍ୱରେ ଥିବା ବ୍ୟକ୍ତିମାନେ, ଇତ୍ୟାଦି ପ୍ରଦାନ କରୁଥିବା ସେବା" । ସେହି ଏକମାତ୍ର ପ୍ରଭୁଙ୍କର ସେବା କରାଯାଏ ।
- ବିଭିନ୍ନ ପ୍ରକାର **କାର୍ଯ୍ୟବିଧି** । କାର୍ଯ୍ୟବିଧିର ଗ୍ରୀକ୍ ପ୍ରତିଶବ୍ଦ 'energema', ଯାହାର ଅର୍ଥ "କୃତ କାର୍ଯ୍ୟବିଧିର ପ୍ରଭାବ" । ସେହି ଏକ ଈଶ୍ୱର କାର୍ଯ୍ୟ କରୁଛନ୍ତି ।

ଗୋଟିଏ ଅନୁଗ୍ରହଦାନ (ଉଦାହରଣ ସ୍ୱରୂପ, ପରଭାଷା) ବିଭିନ୍ନ ସେବା/ ସେବାକାର୍ଯ୍ୟରେ ବିଭିନ୍ନ କାର୍ଯ୍ୟବିଧିରେ ବ୍ୟବହୃତ ହୋଇପାରିବ ଓ ପ୍ରତ୍ୟେକର ଭିନ୍ନ ଭିନ୍ନ ପ୍ରଭାବ ବା ଫଳ ଦେଖାଯିବ । ଉଦାହରଣ ସ୍ୱରୂପ, ନେତୃତ୍ୱରୂପ ଅନୁଗ୍ରହଦାନ ବିଭିନ୍ନ ସେବାରେ ବ୍ୟବହୃତ ହୋଇପାରିବ । ଜଣେ ବ୍ୟକ୍ତି ପ୍ରାର୍ଥନା ଦଳର ନେତା, ଅନ୍ୟ ଜଣେ ଉପାସନା ପରିଚାଳନା କରିବାର ନେତା, ଅନ୍ୟ ଜଣେ ଆତିଥ୍ୟ ସତ୍କାର କାର୍ଯ୍ୟର ନେତା, ଅନ୍ୟ ଜଣେ ପୁସ୍ତକ ପ୍ରକାଶନର ନେତା, ଇତ୍ୟାଦି ହୋଇପାରିବେ । ପ୍ରତ୍ୟେକେ ବିଭିନ୍ନ ସେବାର ଦାୟିତ୍ୱରେ ରହିଛନ୍ତି, କିନ୍ତୁ ଏକମାତ୍ର ପ୍ରଭୁଙ୍କର ସେବା କରାଯାଉଛି । ପ୍ରତ୍ୟେକ ସେବାରେ ନେତୃତ୍ୱ କାର୍ଯ୍ୟକରୁଛି, ଯଦିବା ବିଭିନ୍ନ କାର୍ଯ୍ୟବିଧିର ଫଳ ଅଲଗା ଅଟେ । ପ୍ରାର୍ଥନା ଦଳର ନେତା ପ୍ରାର୍ଥନା ଦଳର ଦାୟିତ୍ୱ ନିଅନ୍ତି ତ ଉପାସନା ଦଳର ନେତା ଉପାସନା ପରିଚାଳନା କରନ୍ତି । ଉପାସନା ଦଳର ନେତାଙ୍କ କ୍ଷେତ୍ରରେ ଫଳ ଓ କାର୍ଯ୍ୟବିଧି ଉପାସନା ଅଟେ । ତେଣୁ ସେହି ଏକା ଦାନ - ନେତୃତ୍ୱ - ଅନେକ ସେବାରେ ବ୍ୟବହୃତ ହୋଇ ଅନେକ କାର୍ଯ୍ୟବିଧି ଉତ୍ପନ୍ନ କରିଥାଏ । ସେହିପରି, ପରଭାଷାରୂପ ଅନୁଗ୍ରହଦାନ ବିଭିନ୍ନ ସେବା ବା ସେବାକାର୍ଯ୍ୟରେ ବ୍ୟବହୃତ ହୋଇପାରିବ ଓ ବିଭିନ୍ନ କାର୍ଯ୍ୟବିଧି, କାର୍ଯ୍ୟକଳାପ ବା ଫଳ ଉତ୍ପନ୍ନ କରିବ ।

ବେଳେବେଳେ ଆମେ ଭୁଲକ୍ରମେ ଚିନ୍ତା କରିଥାଉ ଯେ କେବଳ ଗୋଟିଏ ପ୍ରକାର ପରଭାଷା ରହିଛି । ପ୍ରକୃତରେ ବିଭିନ୍ନ ପ୍ରକାର ପରଭାଷା ରହିଛି । ଅନେକେ ଭୁଲକ୍ରମେ ମନେ କରନ୍ତି ଯେ ପରଭାଷାର ଉଦ୍ଦେଶ୍ୟ ଗୋଟିଏ । କିନ୍ତୁ, ପରଭାଷା ବିଭିନ୍ନ ପରିଚାଳନାରେ (ସେବା/ ସେବାକାର୍ଯ୍ୟ) ବ୍ୟବହୃତ ହୋଇଥାଏ । ଯେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହୁଏ ତାକୁ ନେଇ, ପରଭାଷାର ଉଦ୍ଦେଶ୍ୟ ଭିନ୍ନ ହୋଇଥାଏ । ଅନେକେ ଭୁଲକ୍ରମେ ମନେ କରନ୍ତି ଯେ ପରଭାଷା ଏକ ନିର୍ଦ୍ଦିଷ୍ଟ ମାର୍ଗରେ କାର୍ଯ୍ୟ କରିଥାଏ । ତେବେ, ପରଭାଷା ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟକାରୀ କରାଯାଇପାରେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବ ଓ ଫଳ ଭିନ୍ନ ହୋଇଥାଏ । ଏପଲ୍, ଟମାଟୋ ଓ କମଳାକୁ ଗୋଟିଏ ଝୁଡ଼ିରେ ରଖି ଆମେ ସବୁକୁ ଏପଲ୍ କହି ନ ଥାଉ । ତଦ୍ଦ୍ୱାରା ଅନେକ ବିଭ୍ରାନ୍ତି ସୃଷ୍ଟି ହେବ । ବିଭିନ୍ନ ପରିଚାଳନା ଓ କାର୍ଯ୍ୟବିଧିରେ ପରଭାଷାର ବ୍ୟବହାରରେ ଥିବା ପ୍ରଭେଦକୁ ଆମେ ବୁଝିବା ଆବଶ୍ୟକ ।

**ପରଭାଷାର ପ୍ରକାର ଭେଦ**

ପରଭାଷାରେ ଭିନ୍ନତା ରହିଛି । ଯଦିବା ପବିତ୍ରଆତ୍ମା ହିଁ ସବୁର ଉତ୍ସ ଅଟନ୍ତି, ସେବା ଓ କାର୍ଯ୍ୟବିଧିରେ ଭିନ୍ନତା ରହିଥାଏ ।

"ଅନ୍ୟ ଜଣକୁ ନାନା ଶକ୍ତିର କାର୍ଯ୍ୟ ସାଧନ କରିବାର, ଆଉ ଜଣକୁ ଭାବବାଣୀ କହିବାର, ଅନ୍ୟ ଜଣକୁ ଭିନ୍ନ ଭିନ୍ନ ଆତ୍ମା ଚିହ୍ନିବାର, ଆଉ ଜଣକୁ ବିଭିନ୍ନ ପରଭାଷା କହିବାର, ଅନ୍ୟ ଜଣକୁ ଭାଷାର ଅର୍ଥ କରିବାର ଶକ୍ତି ଦାନ କରାଯାଏ" (୧କରିନ୍ଥୀ ୧୨:୧୦) ।

ବିଭିନ୍ନ (ଗ୍ରୀକ୍ genos) = ସ୍ୱଜନ, ବଂଶଧର, ସ୍ୱଦେଶବାସୀ, ଆତ୍ମୀୟ, ବିବିଧତା, ଇତ୍ୟାଦି ।

ଉଦାହରଣସ୍ୱରୂପ, ଧରନ୍ତୁ ଏକ ପରିବାରରେ ଛ'ଜଣ ସନ୍ତାନ ଅଛନ୍ତି । ସେମାନେ ଭିନ୍ନ ହେଲେ ସୁଦ୍ଧା ଗୋଟିଏ ପରିବାରରୁ ଉତ୍ପନ୍ନ । ସେହି ପ୍ରକାରେ ପରଭାଷା ବିଭିନ୍ନ, ଅର୍ଥାତ୍ କାର୍ଯ୍ୟବିଧି ଭିନ୍ନ, ଇତ୍ୟାଦି ହେଲେ ସୁଦ୍ଧା ପବିତ୍ର ଆତ୍ମା ହିଁ ସବୁର ଉତ୍ସ । ନିମ୍ନରେ କେତେକ ପ୍ରକାରର ପରଭାଷା ବିଷୟରେ ଆଲୋଚିତ ହୋଇଛି । ଅବଶ୍ୟ ଏହି ତାଲିକା ଅସମ୍ପୂର୍ଣ୍ଣ ଅଟେ ।

*୧. ପରଭାଷା ପ୍ରାର୍ଥନାର ଏକ ଭାଷାରୂପେ ସମସ୍ତ ବିଶ୍ୱାସୀଙ୍କ ନିମନ୍ତେ ଉପଲବ୍ଧ*

"କାରଣ ଯେ ପରଭାଷାରେ କଥା କହେ, ସେ ମନୁଷ୍ୟଙ୍କୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ । ଯେ ପରଭାଷାରେ କଥା କହେ, ସେ ନିଜର ନିଷ୍ଠା ଜନ୍ମାଏ, କିନ୍ତୁ ଯେ ଭାବବାଣୀ କହେ, ସେ ମଣ୍ଡଳୀର ନିଷ୍ଠା ଜନ୍ମାଏ" (୧କରିନ୍ଥୀ ୧୪:୨,୪) ।

"ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ । ସେମାନେ ମୋ ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ" (ମାର୍କ ୧୬:୧୭) ।

ଏହି ପ୍ରକାର ପରଭାଷା ସମସ୍ତ ବିଶ୍ୱାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଯାହା ବ୍ୟକ୍ତିଗତ ପ୍ରାର୍ଥନାରେ ବ୍ୟବହୃତ ହୁଏ ଏବଂ ଏହାର ସାହାଯ୍ୟରେ ଆମେ ଈଶ୍ୱରଙ୍କ ନିଗୂଢ଼ତତ୍ତ୍ୱସବୁକୁ ପ୍ରାର୍ଥନାରେ ପ୍ରକାଶ କରିଥାଉ । ଏହାର ବ୍ୟାଖ୍ୟା ଅନାବଶ୍ୟକ, କାରଣ ଏହା ବିଶ୍ୱାସୀ ଓ ପ୍ରଭୁଙ୍କ ମଧ୍ୟରେ ସୀମିତ ରହିଥାଏ । ଈଶ୍ୱର ଶ୍ରୋତା ହୋଇଥିବାରୁ ବ୍ୟାଖ୍ୟା କରିବାର କୌଣସି ଆବଶ୍ୟକତା ନ ଥାଏ । ବିଶ୍ୱାସୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ଓ ଅନ୍ୟ କେହି ଏହା ବୁଝିବା ଦରକାର ପଡ଼ି ନ ଥାଏ ।

*୨. ବ୍ୟାଖ୍ୟାଯୋଗ୍ୟ ପରଭାଷା*

"ଅତଏବ, ଯେ ପରଭାଷାରେ କଥା କହେ, ସେ ଯେପରି ଅର୍ଥ କରିପାରେ, ଏଥିନିମନ୍ତେ ପ୍ରାର୍ଥନା କରୁ । ଯଦି କେହି ପରଭାଷାରେ କଥା କହେ, ତେବେ ଦୁଇ ବା ଅଧିକ ହେଲେ ତିନି ଜଣ ପାଳି ଅନୁସାରେ କହନ୍ତୁ, ଆଉ ଜଣେ ଅର୍ଥ କରୁ । କିନ୍ତୁ ଯଦି କୌଣସି ଅର୍ଥକାରକ ନ ଥାଏ, ତାହାହେଲେ ସେ ମଣ୍ଡଳୀରେ ନୀରବ ରହୁ ଓ ନିରୋଳାରେ ଈଶ୍ୱରଙ୍କୁ କହୁ" (୧କରିନ୍ଥୀ ୧୪:୧୩,୨୭,୨୮) ।

ଏହି ପ୍ରକାର ପରଭାଷାରେ ମଣ୍ଡଳୀ ବା ସମବେତ ଉପାସକମାନଙ୍କୁ ପରଭାଷା ମାଧ୍ୟମରେ ଏକ ସମ୍ବାଦ ଦିଆଯାଏ । ପରଭାଷା କହିପାରୁଥିବା ଉପାସକମାନଙ୍କୁ ଏହି ସମ୍ବାଦ ଦିଆଯାଏ ଏବଂ ଏହାକୁ ବ୍ୟାଖ୍ୟା କରିବା ବା ଅର୍ଥ କରିବା ଆବଶ୍ୟକ ହୋଇଥାଏ ।

ଏହା ଅତି ନିର୍ଦ୍ଦିଷ୍ଟ ଓ ଏହାର ସେବା ମଧ୍ୟ ଭିନ୍ନ ହୋଇଥାଏ ଏବଂ ଉପାସକମାନଙ୍କୁ ଆଶୀର୍ବାଦ କରିବାକୁ ଉଦ୍ଦିଷ୍ଟ ଥାଏ । ପରଭାଷାର ଅର୍ଥ ପ୍ରକାଶ କରିବା ବିଷୟରେ ନିର୍ଦ୍ଦେଶ ରହିଛି ଯାହା ଉପରୋକ୍ତ ଶାସ୍ତ୍ରାଂଶରେ କୁହାଯାଏ ।

*୩. ଗଭୀର ନିବେଦନ କରିବା ପାଇଁ ପରଭାଷା*

"ଆଉ, ସେହି ପ୍ରକାରେ ଆତ୍ମା ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କ'ଣ ପ୍ରାର୍ଥନା କରିବା ଉଚିତ୍, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି; ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କ'ଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି" (ରୋମୀ ୮: ୨୬,୨୭) ।

"ସର୍ବ ପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି, ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର" (ଏଫିସୀ ୬:୧୮) ।

ଏହା ବ୍ୟକ୍ତିଗତ ପ୍ରାର୍ଥନା ନିମନ୍ତେ ବ୍ୟବହୃତ କିଅବା ବ୍ୟାଖ୍ୟାଯୋଗ୍ୟ ପରଭାଷାଠାରୁ ଭିନ୍ନ ଅଟେ । ଏହି ପ୍ରକାର ପରଭାଷା ନିବେଦନ (ପ୍ରାର୍ଥନା) କରିବାବେଳେ ବ୍ୟବହୃତ ହୋଇଥାଏ ଏବଂ ସେ ସମୟରେ ଜଣେ ଅକଥନୀୟ ଆର୍ତ୍ତନାଦରେ, ବା ଗଭୀର ଆବେଗରେ ପ୍ରାର୍ଥନା କରିଥାଏ । ନିଜ ନିମନ୍ତେ ଓ ସାଧୁମାନଙ୍କ ନିମନ୍ତେ ନିବେଦନ କରିବାପାଇଁ ଏହା ବ୍ୟବହୃତ ହୁଏ । ଏହି ପ୍ରକାର ଗଭୀର ନିବେଦନ ଆମର ମାଂସିକ ଦୁର୍ବଳତା ଅତିକ୍ରମ କରି ଅଗ୍ରସର ହେବା ନିମନ୍ତେ ମଧ୍ୟ ବ୍ୟବହୃତ ହୁଏ ଯେପରି ରୋମୀ ୮:୨୬ ରେ କୁହାଯାଇଛି ।

*୪. ଅବିଶ୍ୱାସୀମାନଙ୍କ ଚିହ୍ନସ୍ୱରୂପ ପରଭାଷା*

"ଏଣୁ ପରଭାଷାରେ କଥା କହିବା ବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ନୁହେଁ, ମାତ୍ର ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନ ସ୍ୱରୂପ; ଅନ୍ୟ ପକ୍ଷରେ ଭାବବାଣୀ କହିବା ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ନୁହେଁ, ମାତ୍ର ବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ" (୧କରିନ୍ଥୀ ୧୪:୨୨)

"ପୁଣି, ସେମାନେ ଆଚମ୍ଭିତ ଓ ଚମତ୍କୃତ ହୋଇ କହିବାକୁ ଲାଗିଲେ, ଦେଖ, ଏହି ଯେଉଁ ଲୋକମାନେ କଥା କହୁଛନ୍ତି, ସେମାନେ ସମସ୍ତେ କ'ଣ ଗାଲିଲୀୟ ନୁହଁନ୍ତି ? ତେବେ, ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ ?" (ପ୍ରେରିତ ୨:୭,୮) ।

ଅବିଶ୍ୱାସୀମାନଙ୍କ ପ୍ରତି ଚିହ୍ନସ୍ୱରୂପ ହେବାପାଇଁ ମଧ୍ୟ ଭିନ୍ନ ପ୍ରକାର ପରଭାଷା ବ୍ୟବହୃତ ହୁଏ । ଏହି ଚିହ୍ନ ବିଭିନ୍ନ ମାର୍ଗରେ ପ୍ରକାଶିତ ହୋଇଥାଏ । ଧରନ୍ତୁ ଆପଣ ଚୀନ୍‌ରେ ଅଛନ୍ତି । ପବିତ୍ର ଆତ୍ମା ଚାହିଁଲେ ସେ ଆପଣଙ୍କୁ ସେଠିକାର ଭାଷାରେ କଥା ହେବା ପାଇଁ ଆପଣଙ୍କୁ ଶକ୍ତି ଦେବେ । ଆପଣ ଅନର୍ଗଳ ଭାବରେ ଚୀନ୍ ଭାଷା କହୁଥିବେ କିନ୍ତୁ ଆପଣ ଜାଣି ପାରୁ ନ ଥିବେ । ସେଠାରେ ଉପସ୍ଥିତ ଲୋକମାନେ ଆପଣଙ୍କ କଥା ବୁଝି ପାରୁଥିବେ, କିନ୍ତୁ ଆପଣ କ'ଣ କହୁଛନ୍ତି ଜାଣି ପାରୁ ନ ଥିବେ । ଶେଷରେ ଆପଣ ପ୍ରଭୁଯୀଶୁଙ୍କୁ ତ୍ରାଣକର୍ତ୍ତାରୂପେ ଗ୍ରହଣ କରିବାକୁ ଉପସ୍ଥିତ ଲୋକମାନଙ୍କୁ କଢ଼ାଇ ନେଇ ପାରିବେ । ତଥାପି, ଆପଣ କ'ଣ କହିଲେ ତାହା ଜାଣି ପାରୁ ନ ଥିବେ । ଏହା ଏକ ଉଦାହରଣ କିପରି ଅବିଶ୍ୱାସୀମାନଙ୍କ ନିମନ୍ତେ ପରଭାଷା ଏକ ଚିହ୍ନସ୍ୱରୂପ କାର୍ଯ୍ୟ କରେ । ଏହା ପେଣ୍ଟିକଷ୍ଟ ଦିନ ଘଟିଥିଲା ଯେତେବେଳେ ସମସ୍ତେ ସେମାନଙ୍କ ଶ୍ରୋତାମାନଙ୍କ ଭାଷାରେ କଥା କହିଥିଲେ । ଏହି ପ୍ରକାର ପରଭାଷା ଉପାସନା ସେବାରେ ବା ବ୍ୟକ୍ତିଗତ ପ୍ରାର୍ଥନାରେ ବ୍ୟବହୃତ ହୋଇ ନ ଥାଏ ।

୫. *ସେବାକାର୍ଯ୍ୟର ଏକ ଦାନସ୍ୱରୂପେ ପରଭାଷା*

"ପୁଣି, ଈଶ୍ୱର ମଣ୍ଡଳୀରେ ପ୍ରଥମରେ ପ୍ରେରିତ, ଦ୍ୱିତୀୟରେ ଭାବବାଦୀ, ତୃତୀୟରେ ଶିକ୍ଷକ, ଏହିପରି ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି; ପରେ ଶକ୍ତିର କାର୍ଯ୍ୟ, ତତ୍ପରେ ଆରୋଗ୍ୟ କରିବାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରଭାଷା ଦାନ କରିଅଛନ୍ତି" (୧କରିନ୍ଥୀ ୧୨:୨୮) ।

ଏହି ପଦରେ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ ନିମନ୍ତେ ରହିଥିବା ଦାନଗୁଡ଼ିକ ବିଷୟରେ ପାଉଲ କହନ୍ତି । ଏହାକୁ ମଧ୍ୟ ସେବାକାର୍ଯ୍ୟ ପଦବୀ ବା ସେବାକାର୍ଯ୍ୟ ସମ୍ପାଦନ କୁହାଯାଇଥାଏ । ଏସବୁ ଦାନ କେତେକଙ୍କୁ ଦିଆଯାଇଛି, ସେମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରରେ ନିଯୁକ୍ତି ଦିଆଯାଇଥାଏ । ଏହିସବୁ ପଦବୀ ମଧ୍ୟରେ ରହିଛି ବିଭିନ୍ନ ପରଭାଷାର ବ୍ୟବହାର । ଏହି କାର୍ଯ୍ୟ ନିମନ୍ତେ ବ୍ୟକ୍ତିବିଶେଷ ପୃଥକୀକୃତ ହୋଇ ବିଭିନ୍ନ ପରଭାଷା କହିଥାନ୍ତି । ପ୍ରତ୍ୟେକ ବ୍ୟକ୍ତି ବାଇବଲ ଶିକ୍ଷା ଦେଇପାରନ୍ତି କିନ୍ତୁ ଖ୍ରୀଷ୍ଟଙ୍କ ଶରୀରରେ ଶିକ୍ଷକ ହେବାର ଦାନ ନିର୍ଦ୍ଦିଷ୍ଟ କେତେକଙ୍କୁ ଦିଆଯାଇଛି । ସେହିପରି ସବୁ ବିଶ୍ୱାସୀ ପରଭାଷାରେ ପ୍ରାର୍ଥନା କରିପାରିବେ, କିନ୍ତୁ ବିଭିନ୍ନ ପରଭାଷାରୂପ ସେବାକାର୍ଯ୍ୟ ଖ୍ରୀଷ୍ଟଙ୍କ ଶରୀରରେ କେତେଜଣ ବିଶ୍ୱାସୀଙ୍କୁ ହିଁ ଦିଆଯାଇଥାଏ । ପ୍ରେରିତ, ଭାବବାଦୀ, ଶିକ୍ଷକ, ଇତ୍ୟାଦି ସେବାକାର୍ଯ୍ୟର ଦାନଗୁଡ଼ିକ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ ।

ପରଭାଷାର ପାଞ୍ଚୋଟି ଭିନ୍ନତାକୁ ବୁଝିବା ଆମ ନିମନ୍ତେ କାହିଁକି ଗୁରୁତ୍ୱପୂର୍ଣ୍ଣ ? କାରଣ ଆମେ ବୁଝିବା ଉଚିତ କିପରି ଭାବରେ ପରଭାଷା ପ୍ରବାହିତ ହୁଏ, ତାହା କେଉଁ ଉଦ୍ଦେଶ୍ୟ ପୂରଣ କରେ, ଓ ତାହା କିପରି ପ୍ରଭାବ ପକାଏ । ଉପରୋକ୍ତ ପ୍ରତ୍ୟେକ କ୍ଷେତ୍ରରେ ସେସବୁର ବ୍ୟବହାର ନିମନ୍ତେ ଭିନ୍ନ ଭିନ୍ନ ମାର୍ଗଦର୍ଶିକା ରହିଛି । ବେଳେବେଳେ ବ୍ୟାଖ୍ୟାଯୋଗ୍ୟ ପରଭାଷା ନିମନ୍ତେ ଉଦ୍ଦିଷ୍ଟ ମାର୍ଗଦର୍ଶିକାକୁ ନେଇ ଅନ୍ୟପ୍ରକାର ପରଭାଷା କ୍ଷେତ୍ରରେ ପ୍ରୟୋଗ କରାଯାଏ । ତାହା ଠିକ୍ ନୁହେଁ । ଆମେ ଚିହ୍ନିବା ଆବଶ୍ୟକ କେଉଁ ପ୍ରକାରର ପରଭାଷା କାର୍ଯ୍ୟକାରୀ ହେଉଛି ଓ ତଦନୁସାରେ ନିୟମ ପ୍ରୟୋଗ କରିବାକୁ ହେବ । ବିଭିନ୍ନ ପ୍ରକାରର ପରଭାଷାରୁ ମିଳୁଥିବା ଲାଭ ଅନୁସାରେ ଆମେ ସେଗୁଡ଼ିକୁ ଶ୍ରେଣୀ ବିଭକ୍ତ କରିପାରିବା ।

## ୩. ପ୍ରତ୍ୟେକ ବିଶ୍ୱାସୀ କ'ଣ ପରଭାଷାରେ ପ୍ରାର୍ଥନା କରିପାରିବେ ?

ଏହା ଅନ୍ୟ ଏକ ସାଧାରଣ ପ୍ରଶ୍ନ ଯାହା ଲୋକେ ପଚାରିଥାନ୍ତି, ଏବଂ ଏହାର ଉତ୍ତର ହଁ । ପ୍ରତ୍ୟେକ ବିଶ୍ୱାସୀ ପରଭାଷାରେ ପ୍ରାର୍ଥନା କରିପାରିବେ ଯଦିବା ଆମେ ଜାଣୁ ଯେ ସମସ୍ତ ବିଶ୍ୱାସୀ ଏହା କରି ନ ଥାନ୍ତି । ପରିତ୍ରାଣ ସଦୃଶ ଏହା ଏକ ଦାନ ଅଟେ । ପ୍ରତ୍ୟେକ ବ୍ୟକ୍ତି ପରିତ୍ରାଣ ପାଇପାରିବେ, ଯଦିବା ଆମେ ଜାଣୁ ଯେ ସମସ୍ତେ ପରିତ୍ରାଣ ପାଇ ନ ଥାନ୍ତି ।

ଆମେ କେଉଁ ଆଧାରରେ କହିବା ଯେ ପ୍ରତ୍ୟେକ ବିଶ୍ୱାସୀ ପରଭାଷାରେ ପ୍ରାର୍ଥନା କରିପାରିବେ ? ଆସନ୍ତୁ ଦେଖିବା:

- **କାରଣ ଯୀଶୁ କହନ୍ତି ଯେ ବିଶ୍ୱାସୀମାନେ ନୂତନ ନୂତନ ଭାଷାରେ କଥା କହିବେ**

"ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ; ସେମାନେ ମୋ ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ" (ମାର୍କ ୧୬:୧୭) ।

ଯୀଶୁ ପ୍ରତିଜ୍ଞା କରିଛନ୍ତି ଯେ ପ୍ରତ୍ୟେକ ବିଶ୍ୱାସୀ ନୂତନ ନୂତନ ଭାଷାରେ କଥା କହିବେ । ସେ କହି ନାହାନ୍ତି ଜଣେ କେତେ ସମୟ ବିଶ୍ୱାସରେ ରହିଲେ ଏହା କହିପାରିବେ, ସେ କେବଳ କହନ୍ତି "ବିଶ୍ୱାସୀମାନେ" ।

- **ଆତ୍ମାଙ୍କ ବିଷୟରେ ପ୍ରତିଜ୍ଞା ଦିଆଯାଇଥିବା ହେତୁ**

"ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି, ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ । ହଁ, ସେହି କାଳରେ ଆମ୍ଭେ ନିଜ ଦାସଦାସୀମାନଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ସେମାନେ ଭାବବାଣୀ କହିବେ" (ପ୍ରେରିତ ୨:୧୭,୧୮) ।

"ସେଥିରେ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି, ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ" (ପ୍ରେରିତ ୨:୩୮,୩୯) ।

ଆତ୍ମାଙ୍କ ବିଷୟକ ପ୍ରତିଜ୍ଞା ସମସ୍ତଙ୍କ ନିମନ୍ତେ । ପ୍ରେରିତ ୨:୧୭,୧୮ରେ ଈଶ୍ୱର କହନ୍ତି ଯେ ସେ ସମସ୍ତ ଲୋକଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବେ । ସମସ୍ତ ଲୋକ କହିଲେ ପ୍ରତ୍ୟେକ ଜଣ ଏହି ଦାନ ପାଇବା ପାଇଁ ଯୋଗ୍ୟ ଅଟନ୍ତି । ପିତର ମଧ୍ୟ ପ୍ରେରିତ ୨:୩୮,୩୯ରେ କହନ୍ତି ଯେ ଏହି ପ୍ରତିଜ୍ଞା ସେହି ସମସ୍ତଙ୍କ ନିମନ୍ତେ "ଯେତେ ଲୋକଙ୍କୁ ପ୍ରଭୁ ଆପଣା ନିକଟକୁ ଡ଼ାକିବେ" । ଯେଉଁମାନଙ୍କୁ ଈଶ୍ୱର ଆହ୍ୱାନ କରନ୍ତି ଏହି ପ୍ରତିଜ୍ଞା ସେମାନଙ୍କର ପ୍ରତ୍ୟେକଙ୍କ ନିମନ୍ତେ ଅଭିପ୍ରେତ । ବିଶ୍ୱାସକାରୀମାନେ ଏହି ପ୍ରତିଜ୍ଞା ଗ୍ରହଣ କରିବା ପରେ ସେମାନଙ୍କ ପ୍ରତି କ'ଣ ଘଟେ? ପ୍ରେରିତ ପୁସ୍ତକର ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଆମେ ପାଞ୍ଚୋଟି ଘଟଣା ଦେଖୁଁ ଯେଉଁଥିରେ ଲୋକମାନେ ପବିତ୍ରଆତ୍ମାଙ୍କ ପ୍ରତିଜ୍ଞା ପ୍ରାପ୍ତ ହୋଇଥିଲେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ସେହିକ୍ଷଣି ବା ପରବର୍ତ୍ତୀ ସମୟରେ ପରଭାଷାରେ କଥା କହିଥିଲେ । ପ୍ରେରିତ ପୁସ୍ତକରେ କୁହାଯାଏ ଯେ ଆତ୍ମାଙ୍କର ପ୍ରତିଜ୍ଞା ପ୍ରାପ୍ତ ହେବା ପରେ ଗ୍ରହଣ କରିଥିବା ପ୍ରତ୍ୟେକେ ପରଭାଷା କହିଥିଲେ । କେବଳ ପ୍ରେରିତ ୮ରେ ପରଭାଷା ବିଷୟ କୁହାଯାଇନାହିଁ, କିନ୍ତୁ ସେଠାରେ ଏପରି କିଛି ଅଲୌକିକ ବିଷୟ ଘଟିଲା ଯାହା ଦେଖି ଜଣେ ଅର୍ଥ ଦେଇ ସେହି ଦାନ କିଣିବାକୁ ଇଚ୍ଛା କଲା । କିନ୍ତୁ ଅନ୍ୟ ସବୁ ଘଟଣାରେ ଲୋକମାନେ ଆତ୍ମାଙ୍କୁ ଗ୍ରହଣ କଲାପରେ ତତ୍କ୍ଷଣାତ୍ ବା ପରେ ପରଭାଷା କହିବାକୁ ଲାଗିଲେ । ତେଣୁ ଆମେ କାହିଁକି ଚିନ୍ତା କରିବା ଯେ ଈଶ୍ୱର ତାହା ହଠାତ୍ ବନ୍ଦ କରିଦେଲେ, ଯେତେବେଳେ ନୂତନ ନିୟମରେ କିଛି କୁହାଯାଇ ନାହିଁ ଯେ ଈଶ୍ୱର ଆତ୍ମାଙ୍କ ବୃଷ୍ଟିକୁ ବନ୍ଦ କରିଦେବେ ବା ମଣ୍ଡଳୀକୁ ଆତ୍ମାଙ୍କ ଦାନସବୁ ଦେବା ବନ୍ଦ କରିଦେବେ ?

ମୁଁ ବୁଝିପାରୁଛି ଯେ କେତେକ ଲୋକ ୧କରିନ୍ଥୀ ୧୩:୯,୧୦ ଉଦ୍ଧୃତ କରିବେ, "ଆମେମାନେ ଆଂଶିକଭାବେ ଜାଣୁ ଓ ଆଂଶିକଭାବେ ଭାବବାଣୀ କହୁ । କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ ହେବ ।" ସେମାନେ ସମ୍ପୂର୍ଣ୍ଣୀକୃତ ବାଇବଲକୁ ଲକ୍ଷ୍ୟ କରି କହନ୍ତି ଯେ ସିଦ୍ଧ ବିଷୟ ଉପସ୍ଥିତ ହୋଇସାରିଛି, ତେଣୁ ଆଉ ଆତ୍ମାଙ୍କ ଦାନସବୁର ଆବଶ୍ୟକତା ନାହିଁ । ଉଦାହରଣ, ଭାବବାଣୀ କହିବା, ଇତ୍ୟାଦି । ତଥାପି, ଧର୍ମଶାସ୍ତ୍ରକୁ ଧର୍ମଶାସ୍ତ୍ରର ବିଭିନ୍ନ ଶାସ୍ତ୍ରାଂଶର ଆଲୋକରେ ହିଁ ବ୍ୟାଖ୍ୟା କରିବାକୁ ହେବ । ନୂତନ ନିୟମର ଅନ୍ୟାନ୍ୟ ସ୍ଥାନରେ କ'ଣ ଶିକ୍ଷା ରହିଛି ? ପ୍ରଥମେ, ଆମେ ଦେଖୁ ଯେ ଖ୍ରୀଷ୍ଟ ସେବାକାର୍ଯ୍ୟ ନିମନ୍ତେ ମଣ୍ଡଳୀକୁ ଅନେକ ଦାନ ଦେଇଛନ୍ତି, ଯେପରି ବିଶ୍ୱାସୀମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରିବେ ଓ ସଜ୍ଜିତ ହେବେ (ଏଫିସୀ ୪:୧୦,୧୧; ୧କରିନ୍ଥୀ ୧୨:୨୮) । ଆମେ ସମସ୍ତେ ସହମତ ହେବା ଯେ ଏହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହେଉଛି, କାରଣ ବିଶ୍ୱାସୀମାନେ ସିଦ୍ଧିଲାଭ କରିବା ଓ ସଜ୍ଜିତ ହେବା ଆବଶ୍ୟକ କରନ୍ତି । ମଣ୍ଡଳୀରୁ ଏହି ସେବାକାର୍ଯ୍ୟ ଦାନସବୁ ପ୍ରତ୍ୟାହୃତ ହୋଇନାହିଁ । ସେବାକାର୍ଯ୍ୟ ସମ୍ବନ୍ଧିତ ବିଷୟସବୁରେ ରହିଛି ଆଶ୍ଚର୍ଯ୍ୟକର୍ମସବୁ କରିବା, ଆରୋଗ୍ୟ କରିବାର ଓ ବିଭିନ୍ନ ପରଭାଷାର ଦାନ (୧କରିନ୍ଥୀ ୧୨:୨୮) । ତେଣୁ ପରଭାଷା କରିବାର ଦାନ ଏଯାଏଁ ବନ୍ଦ ହୋଇନାହିଁ । ଦ୍ୱିତୀୟରେ, ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିବାର ଉଦ୍ଦେଶ୍ୟ ମହାନ୍ ଆଦେଶକୁ ପୂରଣ କରିବା । ମହାନ୍ ଆଦେଶ ଏଯାଏଁ ପୂରଣ ହୋଇନାହିଁ, ତେଣୁ ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ବର୍ତ୍ତମାନ ବି ବଳବତ୍ତର ରହିଛି ଓ ଏହାସହିତ ଜଡ଼ିତ ସମସ୍ତ ଶକ୍ତି ଓ କାର୍ଯ୍ୟ ବି ଚାଲୁରହିଛି । ଈଶ୍ୱର ବର୍ତ୍ତମାନ ମଧ୍ୟ ସବୁ ଲୋକଙ୍କ ଉପରେ ତାଙ୍କ ଆତ୍ମା ବୃଷ୍ଟି କରୁଛନ୍ତି । ତେଣୁ "ସିଦ୍ଧ ବିଷୟ" କହିଲେ ପ୍ରଭୁଙ୍କ ଆଗମନକୁ ବୁଝାଏ । ଏହା ୧ଯୋହନ ୩:୨ ସଙ୍ଗେ ସ୍ୱଷ୍ଟ ସାକ୍ଷ୍ୟ ବହନ କରୁଛି, "*ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ, ଆଉ ଆମ୍ଭେମାନେ କ'ଣ ହେବା, ତାହା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା*" ।

- **ଆତ୍ମିକ ଦାନସବୁ ବିଷୟରେ ସତର୍କୀକରଣ ଯୋଗୁଁ**

"କିନ୍ତୁ ଶ୍ରେଷ୍ଠ ଦାନସମସ୍ତ ପାଇବା ନିମନ୍ତେ ଏକାନ୍ତ ଚେଷ୍ଟା କର । ଅଧିକନ୍ତୁ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଉତ୍କୃଷ୍ଟତର ପଥ ଦେଖାଉଅଛି" (୧କରିନ୍ଥୀ ୧୨:୩୧) ।

"ତେବେ କର୍ତ୍ତବ୍ୟ କ'ଣ ? ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି; ପୁଣି, ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି; ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି, ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି । ଏଣୁ ହେ ମୋହର ଭାଇମାନେ, ଭାବବାଣୀ କହିବାକୁ ଏକାନ୍ତ ଚେଷ୍ଟା କର; ପୁଣି, ପରଭାଷାରେ କଥା କହିବାକୁ ମନା ନ କର" (୧କରିନ୍ଥୀ ୧୪:୧୫,୩୯) ।

ଆତ୍ମିକ ଦାନସବୁ ପାଇବାକୁ ଚେଷ୍ଟା କରିବା ପାଇଁ ଏବଂ ପ୍ରେମରୂପ ଉତ୍କୃଷ୍ଟତର ପଥରେ ଚାଲିବାପାଇଁ ପାଉଲ ଆମମାନଙ୍କୁ କହନ୍ତି । ଯଦି ସମସ୍ତ ବିଶ୍ୱାସୀ ପ୍ରେମରୂପ ଉତ୍କୃଷ୍ଟତର ପଥରେ ଚାଲନ୍ତି ଓ ପ୍ରେମର ଅନୁସରଣ କରନ୍ତି, ତେବେ ଏହା ସ୍ପଷ୍ଟ ଯେ ସବୁ ବିଶ୍ୱାସୀ ଆତ୍ମିକ ଦାନସବୁ ପାଇବା ପାଇଁ ଆନ୍ତରିକଭାବେ ଚେଷ୍ଟା କରିବେ । ତେଣୁ ଏହା ଆମ ଉପରେ ନିର୍ଭର କରେ । ଯେପରି ସବୁ ବିଶ୍ୱାସୀ ଚାହିଁଲେ ପ୍ରେମରେ ଆଚରଣ କରିପାରିବେ, ସେହିପରି ସେମାନେ ଚାହିଁଲେ ପରଭାଷାରେ ପ୍ରାର୍ଥନା କରିପାରିବେ । ତେଣୁ ଆମେ କହିପାରୁ ଯେ ପ୍ରତ୍ୟେକ ବିଶ୍ୱାସୀ ପରଭାଷାରେ ପ୍ରାର୍ଥନା କରିପାରିବେ ।

- **ପ୍ରାର୍ଥନା ସମ୍ପର୍କୀୟ ସତର୍କୀକରଣ ହେତୁ**

"ସର୍ବ ପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି, ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର" (ଏଫିସୀ ୬:୧୮) ।

"କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣାମାନଙ୍କର ଧର୍ମଜୀବନରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର" (ଯିହୂଦା ୧:୨୦) ।

"ପୁଣି, ଈଶ୍ୱର ମଣ୍ଡଳୀରେ ପ୍ରଥମରେ ପ୍ରେରିତ, ଦ୍ୱିତୀୟରେ ଭାବବାଦୀ, ତୃତୀୟରେ ଶିକ୍ଷକ, ଏହିପରି ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି; ପରେ ଶକ୍ତିର କାର୍ଯ୍ୟ, ତତ୍ପରେ ଆରୋଗ୍ୟ କରିବାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରଭାଷା ଦାନ କରିଅଛନ୍ତି" (୧କରିନ୍ଥୀ ୧୨:୨୮) ।

ଏଫିସୀ ୬:୧୮ରେ ପାଉଲ ସାଧାରଣ ଭାବରେ ମଣ୍ଡଳୀକୁ ଲେଖନ୍ତି ଯେ ସମସ୍ତ ବିଶ୍ୱାସୀ ସର୍ବଦା ଆତ୍ମାରେ ପ୍ରାର୍ଥନା କରିବା ଉଚିତ । ଏବଂ ଆମେ ଜାଣୁ ଯେ "ଆତ୍ମାରେ ପ୍ରାର୍ଥନା କରିବା" ଓ "ପରଭାଷାରେ ପ୍ରାର୍ଥନା କରିବା" ଗୋଟିଏ ବିଷୟ । ଏଠାରେ ଲକ୍ଷ୍ୟ କରନ୍ତୁ ଯେ ଏହି ପତ୍ରରେ ସବୁ ବିଶ୍ୱାସୀମାନଙ୍କୁ ଆତ୍ମାରେ ପ୍ରାର୍ଥନା କରିବାକୁ କୁହାଯାଏ, କେବଳ ପରଭାଷା ଦାନ ପାଇଥିବା ଦଳକୁ ନୁହେଁ । ତେଣୁ, ସମସ୍ତ ବିଶ୍ୱାସୀ ଆତ୍ମାରେ ପ୍ରାର୍ଥନା କରିପାରନ୍ତି ।

## ୪.    କିନ୍ତୁ ୧କରିନ୍ଥୀ ୧୨:୨୮-୩୦ ବିଷୟରେ କ'ଣ ?

"ପୁଣି, ଈଶ୍ୱର ମଣ୍ଡଳୀରେ ପ୍ରଥମରେ ପ୍ରେରିତ, ଦ୍ୱିତୀୟରେ ଭାବବାଦୀ, ତୃତୀୟରେ ଶିକ୍ଷକ, ଏହିପରି ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି; ପରେ ଆଶ୍ଚର୍ଯ୍ୟର କାର୍ଯ୍ୟ, ତତ୍ପରେ ଆରୋଗ୍ୟ କରିବାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରଭାଷା ଦାନ କରିଅଛନ୍ତି। ସମସ୍ତେ କି ପ୍ରେରିତ ? ସମସ୍ତେ କି ଭାବବାଦୀ ? ସମସ୍ତେ କି ଶିକ୍ଷକ ? ସମସ୍ତେ କି ଶକ୍ତିର କାର୍ଯ୍ୟସାଧକ ? ସମସ୍ତେ କି ଆରୋଗ୍ୟ କରିବାର ଶକ୍ତି ପାଇଅଛନ୍ତି ? ସମସ୍ତେ କି ପରଭାଷାରେ କଥା କହନ୍ତି ? ସମସ୍ତେ କି ଭାଷାର ଅର୍ଥ କରନ୍ତି ?" (୧କରିନ୍ଥୀ ୧୨:୨୮-୩୦)।

ପରଭାଷାରେ ପ୍ରାର୍ଥନା କରିବା ଯେ ସମସ୍ତ ବିଶ୍ୱାସୀଙ୍କ ନିମନ୍ତେ ଅଭିପ୍ରେତ ଏହା ବିଶ୍ୱାସ କରିବା ନିମନ୍ତେ ଅନେକ କାରଣ ରହିଥିଲେ ହେଁ ୧କରିନ୍ଥୀ ୧୨:୨୮-୩୦କୁ ବ୍ୟାଖ୍ୟା କରାଯିବା ଉଚିତ, କାରଣ ପାଉଲ କହନ୍ତି ଯେ ସମସ୍ତେ ପରଭାଷାରେ କଥା କହନ୍ତି ନାହିଁ। ୧କରିନ୍ଥୀ ୧୨:୨୮ରେ କହନ୍ତି, *"ଈଶ୍ୱର ମଣ୍ଡଳୀରେ ..... ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି।"* ଏସବୁ ଖ୍ରୀଷ୍ଟଙ୍କ ଶରୀରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତି ଯାହା ସମସ୍ତ ବିଶ୍ୱାସୀମାନଙ୍କ ନିମନ୍ତେ ଉପଲବ୍ଧ ନୁହେଁ। ପାଉଲ ଏଠାରେ ଖ୍ରୀଷ୍ଟଙ୍କ ଶରୀରରେ ନିର୍ଦ୍ଦିଷ୍ଟ 'ସେବାକାର୍ଯ୍ୟ ଦାନ' ବା 'ସେବାକାର୍ଯ୍ୟ ସମ୍ପାଦନ' ବିଷୟରେ କହୁଛନ୍ତି, ବିଶ୍ୱାସୀମାନଙ୍କର ସାଧାରଣ ସେବାକାର୍ଯ୍ୟ ବିଷୟରେ ନୁହେଁ।

ଏଣୁ, ୧କରିନ୍ଥୀ ୧୨:୭-୧୧ରେ ବର୍ଣ୍ଣିତ ଅନୁଗ୍ରହଦାନସବୁ ସମସ୍ତ ବିଶ୍ୱାସୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ, କିନ୍ତୁ ୧କରିନ୍ଥୀ ୧୨:୨୮ରେ ବର୍ଣ୍ଣିତ ଦାନସବୁ ଖ୍ରୀଷ୍ଟଙ୍କ ଶରୀରରେ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟସବୁ ନିମନ୍ତେ ନିଯୁକ୍ତି ବିଷୟରେ କୁହାଯାଏ। "ସମସ୍ତେ କି ପରଭାଷାରେ କଥା କହନ୍ତି ?" ଏହି ପ୍ରଶ୍ନ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟସବୁ ନିମନ୍ତେ ନିଯୁକ୍ତି ପ୍ରସଙ୍ଗରେ ବୁଝିବାକୁ ହେବ, ଆତ୍ମାଙ୍କ ଦାନସକଳ ସମ୍ପର୍କରେ ନୁହେଁ। ସାଧାରଣତଃ ଲୋକେ ୧କରିନ୍ଥୀ ୧୨:୨୮-୩୦କୁ ତରବରରେ ପଢ଼ି ନିଅନ୍ତି ଓ ମତ ପ୍ରକାଶ କରନ୍ତି ଯେ ସମସ୍ତେ ପରଭାଷା କହିପାରିବେ ନାହିଁ।

ସବୁ ବିଶ୍ୱାସୀ ଈଶ୍ୱରଙ୍କ ବାକ୍ୟରୁ ଶିକ୍ଷା ଦେଇପାରିବେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଯେଉଁମାନେ ଶିକ୍ଷାଦାନ କରନ୍ତି ସେମାନେ ମଣ୍ଡଳୀରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି। ସମସ୍ତ ବିଶ୍ୱାସୀ ସାହାଯ୍ୟ କରି ପାରିବେ। ଏହାର ଅର୍ଥ ନୁହେଁ ସାହାଯ୍ୟ କରୁଥିବା ସମସ୍ତେ ସାହାଯ୍ୟକାରୀ ସେବାକାର୍ଯ୍ୟରେ ମଣ୍ଡଳୀରେ ନିଯୁକ୍ତ ହୋଇଛନ୍ତି। ସମସ୍ତ ବିଶ୍ୱାସୀ ଯୀଶୁଙ୍କ ନାମରେ ପ୍ରାର୍ଥନା କରି ଆଶ୍ଚର୍ଯ୍ୟକର୍ମ ଓ ଆରୋଗ୍ୟ କରିପାରନ୍ତି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମସ୍ତ ବିଶ୍ୱାସୀ ଯେଉଁମାନେ ଆଶ୍ଚର୍ଯ୍ୟକର୍ମ ଓ ଆରୋଗ୍ୟ

ନିମନ୍ତେ ପ୍ରାର୍ଥନା କରନ୍ତି ସେମାନେ ମଣ୍ଡଳୀରେ ଆଶ୍ଚର୍ଯ୍ୟକର୍ମ ଓ ଆରୋଗ୍ୟ କରିବାର ସେବାକାର୍ଯ୍ୟରେ ନିଯୁକ୍ତ ଅଟନ୍ତି ।

ସେହିପରି ସବୁ ବିଶ୍ୱାସୀ ପରଭାଷା କହିପାରିବେ କିନ୍ତୁ କେତେଜଣ ଏହି ସେବାକାର୍ଯ୍ୟ ଦାନ ପାଇଛନ୍ତି ବିଭିନ୍ନ ପ୍ରକାର ପରଭାଷାରେ କଥାକହିବା ପାଇଁ । ମଣ୍ଡଳୀରେ ଅଳ୍ପ କେତେଜଣ ଏହି ସେବାକାର୍ଯ୍ୟ ନିମନ୍ତେ ଅର୍ଥାତ୍ ବିଭିନ୍ନ ପରଭାଷାରେ କହିବାପାଇଁ ନିଯୁକ୍ତ ଅଟନ୍ତି ।

## ୫. ପରଭାଷାକୁ ସବୁବେଳେ ବୁଝିବା ଓ ଅର୍ଥ ପ୍ରକାଶ କରିବା ଉଚିତ କି ?

ଆଗରୁ ଯେପରି କୁହାଯାଇଛି, ପରଭାଷାର ପ୍ରକାର ଭେଦ ରହିଛି । ସବୁପ୍ରକାର ପରଭାଷାର ଅର୍ଥ ପ୍ରକାଶ କରିବା ଆବଶ୍ୟକ ହୋଇ ନ ଥାଏ । ଯଦି ଉପାସକମାନଙ୍କ ନିକଟରେ ଈଶ୍ୱରଙ୍କ ସମ୍ବାଦର ଅର୍ଥପ୍ରକାଶ କରିବାକୁ ଆବଶ୍ୟକ ହୋଇଥାଏ ("ବ୍ୟାଖ୍ୟାଯୋଗ୍ୟ ପରଭାଷା"), ତେବେ ତାହା କରିବାକୁ ହେବ (୧କରିନ୍ଥୀ ୧୪:୬-୧୩, ୧୮,୧୯,୨୭,୨୮) । କିନ୍ତୁ ମନେରଖନ୍ତୁ ଯେ "ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ପରଭାଷା" ଯଦିବା ଏହା କହୁଥିବା ବ୍ୟକ୍ତି ଏବଂ ସମ୍ଭବତଃ ଉପସ୍ଥିତ ଅନେକଲୋକ ବୁଝିପାରନ୍ତି ନାହିଁ, ତେବେ ନିର୍ଦ୍ଦିଷ୍ଟ କେତେଜଣ "ଅବିଶ୍ୱାସୀ" ତାହା ବୁଝିପାରିବେ କାରଣ ସେମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ହେବା ଉଦ୍ଦେଶ୍ୟରେ ସେମାନଙ୍କୁ ଈଶ୍ୱର ପରଭାଷା ମାଧ୍ୟମରେ କଥା କହିବେ ।

## ୬. ମୁଁ କ'ଣ ଯେକୌଣସି ସମୟରେ ଚାହିଁଲେ ପରଭାଷାରେ ପ୍ରାର୍ଥନା କରିପାରିବି ?

"ତେବେ କର୍ତ୍ତବ୍ୟ କ'ଣ ? ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି; ପୁଣି, ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି; ଆତ୍ମା ଦ୍ୱାରା ସ୍ତୁତିଗାନ କରିବି; ପୁଣି, ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି" (୧କରିନ୍ଥୀ ୧୪:୧୫) ।

ହଁ! ଆମେ ବୁଦ୍ଧିର ସହିତ ପ୍ରାର୍ଥନା କରିବାବେଳେ ଯେପରି ଇଚ୍ଛା କରିଥାଉ, ଆତ୍ମାରେ ପ୍ରାର୍ଥନା ଓ ଗୀତଗାନ କରିବା ପାଇଁ ମଧ୍ୟ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଆମେ ଇଚ୍ଛା ପ୍ରକାଶ କରିପାରୁ । ବିଭିନ୍ନ ପ୍ରକାର ପରଭାଷା ରହିଛି, ଯଥା: ବ୍ୟକ୍ତିଗତ ପ୍ରାର୍ଥନାର ଭାଷାରୂପେ ପରଭାଷା; ପ୍ରାର୍ଥନା, ଗୀତଗାନ, ଧନ୍ୟବାଦ ଦାନ, ନିବେଦନ କରିବା ପାଇଁ ପରଭାଷା । ଆମର ଇଚ୍ଛାରେ ଏହାକୁ ବିଶ୍ୱାସୀ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରେ ସ୍ୱଇଚ୍ଛାରେ ବ୍ୟବହାର କରିପାରିବ ।

## “ଜଣକୁ..... ଦାନ କରାଯାଏ..... ଆପଣା ଇଚ୍ଛାନୁସାରେ”- ଏବିଷୟରେ କ’ଣ କୁହାଯିବ ?

“କିନ୍ତୁ ପ୍ରତ୍ୟେକ ଜଣକୁ ଆତ୍ମାଙ୍କ ଗୁଣପ୍ରକାଶକ ଦାନ ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ । କାରଣ ଜଣକୁ ଆତ୍ମାଙ୍କ ଦ୍ୱାରା ବୁଦ୍ଧିର ବାକ୍ୟ, ଅନ୍ୟ ଜଣକୁ ସେହି ଆତ୍ମାଙ୍କ ଶିକ୍ଷାନୁଯାୟୀ ଜ୍ଞାନର ବାକ୍ୟ, ଅପର ଜଣକୁ ସେହି ଆତ୍ମାଙ୍କ ଦ୍ୱାରା ବିଶ୍ୱାସ, ଆଉ ଜଣକୁ ସେହି ଆତ୍ମାଙ୍କ ଦ୍ୱାରା ଆରୋଗ୍ୟ କରିବାର ଶକ୍ତି, ଅନ୍ୟ ଜଣକୁ ନାନା ଶକ୍ତିର କାର୍ଯ୍ୟ ସାଧନ କରିବାର, ଆଉ ଜଣକୁ ଭାବବାଣୀ କହିବାର, ଅନ୍ୟ ଜଣକୁ ଭିନ୍ନ ଭିନ୍ନ ଆତ୍ମା ଚିହ୍ନିବାର, ଆଉ ଜଣକୁ ବିଭିନ୍ନ ପରଭାଷା କହିବାର, ଅନ୍ୟ ଜଣକୁ ଭାଷାର ଅର୍ଥ କରିବାର ଶକ୍ତି ଦାନ କରାଯାଏ । କିନ୍ତୁ ସେ ଏକମାତ୍ର ଆତ୍ମା ଆପଣା ଇଚ୍ଛାନୁସାରେ ପ୍ରତ୍ୟେକ ଜଣକୁ ପୃଥକ୍ ପୃଥକ୍ ରୂପେ ଦାନ ବିତରଣ  କରି ଏହି ସମସ୍ତ କର୍ମ ସାଧନ କରନ୍ତି” (୧କରିନ୍ଥୀ ୧୨:୭-୧୧) ।

ପାଉଲ ୧କରିନ୍ଥୀୟ ପତ୍ର ମଣ୍ଡଳୀକୁ ଦୃଷ୍ଟିରେ ରଖି ଲେଖିଛନ୍ତି- ଯେତେବେଳେ ସେମାନେ ଉପାସନା ନିମନ୍ତେ ସମବେତ ହୁଅନ୍ତି (୫:୪), ପ୍ରଭୁଭୋଜ ପାଳନ ବିଧି (୧୧:୧୭,୨୦), ଇତ୍ୟାଦି । ସେହିପରି ୧କରିନ୍ଥୀ ୧୨,୧୩,୧୪ ଅଧ୍ୟାୟସବୁ ମଧ୍ୟ ମଣ୍ଡଳୀକୁ ଦୃଷ୍ଟିରେ ରଖି ଲେଖାଯାଇଛି ଓ ସବୁକିଛି ଚିନ୍ତାର ପ୍ରବାହ ଏଠାରେ ଦେଖିବାକୁ ମିଳେ । ତେଣୁ ୧କରିନ୍ଥୀ ୧୨:୭-୧୧କୁ ମୂଳତଃ ମାଣ୍ଡଳିକ ପୃଷ୍ଠଭୂମିରେ ବୁଝିବା ଆବଶ୍ୟକ, ଅର୍ଥାତ୍, କୌଣସି ଏକ ସମୟକୁ ନେଇ ଦେଖିବାକୁ ହେବ, ଦାନସବୁର ପରିପ୍ରକାଶ କରିବାର ସାମର୍ଥ୍ୟକୁ ନେଇ ନୁହେଁ । କୌଣସି ଏକ ମିଟିଂରେ ସେମାନେ ସମବେତ ହୋଇଥିବା ସମୟରେ, ଆତ୍ମା ଆପଣା ଇଚ୍ଛାନୁସାରେ, ବିଭିନ୍ନ ଲୋକଙ୍କୁ ବିଭିନ୍ନ ଦାନ ବିତରଣ କରନ୍ତି (୧କରିନ୍ଥୀ ୧୪:୨୬) । ପରବର୍ତ୍ତୀ ମିଟିଂରେ ଏହି ବିତରଣ ଭିନ୍ନ ପ୍ରକାରର ହୋଇପାରେ, ଅର୍ଥାତ୍, ଯାହାକୁ ବୁଦ୍ଧିର ବାକ୍ୟ ଦିଆଯାଇଥିଲା, ତାକୁ ଆରୋଗ୍ୟକାରୀ ଦାନ ମିଳିପାରେ । ତେଣୁ ସମସ୍ତ ବିଶ୍ୱାସୀ, ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଆତ୍ମିକ ଦାନ ପ୍ରକାଶ କରିପାରନ୍ତି । ଆତ୍ମାଙ୍କ ଇଚ୍ଛାନୁସାରେ ଏସମସ୍ତ ଦାନ ସେ ବିଶ୍ୱାସୀଦ୍ୱାରା ପ୍ରକାଶ କରିଥାନ୍ତି ।

ଯଦିବା ସେ “ଆପଣା ଇଚ୍ଛାନୁସାରେ” ଦାନ କରନ୍ତି, ଆମର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ତାହା ହେଉଛି ଦାନସମସ୍ତ ପାଇବା ନିମନ୍ତେ ଏକାନ୍ତ ଚେଷ୍ଟା କରିବା । ବିଶ୍ୱାସୀମାନଙ୍କୁ କୁହାଯାଏ ଯେ ସେମାନେ ଶ୍ରେଷ୍ଠ ଦାନସବୁ ପାଇଁ ଲାଳସା କରିବେ ଏବଂ ଆତ୍ମିକ ଦାନସବୁ ପାଇବା ପାଇଁ ଏକାନ୍ତ ଚେଷ୍ଟା କରିବେ (୧କରିନ୍ଥୀ ୧୨:୩୧,୧୪:୧) । ନିଶ୍ଚିତରୂପେ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ, ଅର୍ଥାତ୍ ଜଣେ ବିଶ୍ୱାସୀ ଏଠାରେ ଦିଆଯାଇଥିବା ନ’ଟି ଦାନମଧ୍ୟରୁ ଯେକୌଣସି ଦାନ ପାଇବାପାଇଁ ବାଞ୍ଛା ବା ଚେଷ୍ଟା କରିପାରିବେ । ଶ୍ରେଷ୍ଠଦାନସକଳ ପାଇବା ପାଇଁ ଆମେ ବାଞ୍ଛା କରିବା

ଉଚିତ । "ଶ୍ରେଷ୍ଠଦାନ" କହିଲେ କୌଣସି ଏକ ପରିସ୍ଥିତି ନିମନ୍ତେ ନିତାନ୍ତ ଉପଯୁକ୍ତ ଦାନ । ଯେଉଁଠାରେ ଆମେ ସେବାକାର୍ଯ୍ୟକରୁ ସେଠାରେ ଏହି "ଶ୍ରେଷ୍ଠଦାନ" ଅତି ଉପଯୋଗୀ ହୋଇଥାଏ । ପାଉଲ କେଉଁଠାରେ ହେଲେ ବିଶ୍ୱାସୀମାନଙ୍କୁ ଲେଖିନାହାନ୍ତି ଯେ ସେମାନେ ଗୋଟିଏ ମାତ୍ର ଦାନ ପାଇବାକୁ ଚେଷ୍ଟା କରନ୍ତୁ । ତା' ପରିବର୍ତ୍ତେ ସେ ସେମାନଙ୍କୁ ଶ୍ରେଷ୍ଠଦାନସବୁ ପାଇବାକୁ ଚେଷ୍ଟିତ ହେବା ପାଇଁ କହନ୍ତି । ଯଦି ମୁଁ ଜଣେ ରୋଗୀକୁ ଦେଖେ ତେବେ ଶ୍ରେଷ୍ଠଦାନରୂପେ ମୁଁ ଆରୋଗ୍ୟକାରୀ ଦାନ ଏବଂ ବିଶ୍ୱାସ ଓ ଆଶ୍ଚର୍ଯ୍ୟକର୍ମ କରିବା ପାଇଁ ଦାନ ବାଞ୍ଛା କରିବି । ଯଦି ଜଣେ ବ୍ୟକ୍ତି ସୁସ୍ଥ ଅଛି, କିନ୍ତୁ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ହତୋତ୍ସାହିତ ଅଛି, ତେବେ ଭାବବାଣୀ କହିବା, ଜ୍ଞାନର ବାକ୍ୟ ପ୍ରକାଶ କରିବା ଶ୍ରେଷ୍ଠଦାନ ହେବ, ଯଦ୍ଦ୍ୱାରା ସମାଧାନର ପନ୍ଥା ବାହାର କରିହେବ । ସେହିପରି ବିଭିନ୍ନ ପରିସ୍ଥିତିରେ ବିଭିନ୍ନ ଶ୍ରେଷ୍ଠଦାନର ଆବଶ୍ୟକତା ରହିଥାଏ । ଆମର ଇଚ୍ଛା ପବିତ୍ର ଆତ୍ମାଙ୍କ ଇଚ୍ଛାର ସହଯୋଗରେ କାର୍ଯ୍ୟ କରିଥାଏ । ପବିତ୍ର ଆତ୍ମାଙ୍କର ଇଚ୍ଛାରେ ସମସ୍ୟା ରହି ନ ଥାଏ । ଦାନସକଳର ପ୍ରକାଶନ, ଲୋକମାନଙ୍କର ଆବଶ୍ୟକତା ପୂରଣ କରିବା ଓ ଯୀଶୁଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବାରେ ସେ ଅତ୍ୟଧିକ ଇଚ୍ଛା ପ୍ରକାଶ କରିଥାନ୍ତି । ପବିତ୍ର ଆତ୍ମା ଇଚ୍ଛା କରନ୍ତି, କିନ୍ତୁ ଆପଣ ?

## ୭. ପରଭାଷାରେ ପ୍ରାର୍ଥନା କରିବାପାଇଁ ମୁଁ ଚିତ୍କାର କରିବା, ଉଚ୍ଚଧ୍ୱନି କରିବା, ଦୋହଲିବା ଓ ବିଚିତ୍ର ଆଚରଣ କରିବା ଆବଶ୍ୟକ କି ?

ପବିତ୍ର ଆତ୍ମା ଯେଉଁ ବ୍ୟକ୍ତି ମାଧ୍ୟମରେ ତାଙ୍କର ଦାନସକଳ ପ୍ରକାଶ କରନ୍ତି ତାହା ସେହି ବ୍ୟକ୍ତିର ନିୟନ୍ତ୍ରଣରେ ରହିଥାଏ । *"ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି... ଭାବବାଦୀମାନଙ୍କ ଆତ୍ମା ଭାବବାଦୀମାନଙ୍କର ବଶୀଭୂତ" (୧କରିନ୍ଥୀ ୧୪କ,୩୨) ।* ଏହା ଆମର ଇଚ୍ଛାଧୀନ ହୋଇଥିବାରୁ, ଆମେ ପରଭାଷାରେ ପ୍ରାର୍ଥନା କଲାବେଳେ କିପରି ଆଚରଣ କରିବା ତାହା ଆମ ଉପରେ ନିର୍ଭର କରେ । ଆମର କଥାବାର୍ତ୍ତା, ଆମର ଧ୍ୱନିମାତ୍ରା, ଆମର ଆଚରଣ ଓ ଆତ୍ମାଙ୍କର ଦାନ ବିତରଣକୁ ଆମେ ନିୟନ୍ତ୍ରଣରେ ରଖିଥାଉ । ତେଣୁ ଆମେ କିଛି ଆକର୍ଷଣୀୟ ଅନୁଭବ ବା ଆବେଗସବୁର ଅପେକ୍ଷା କରିବା ଅନାବଶ୍ୟକ, ଏବଂ ଏହି ଅନୁଭବ ବା ଆବେଗସବୁର "ପ୍ରଦର୍ଶନ" ମଧ୍ୟ ଅନାବଶ୍ୟକ । ଆମେ ଅକୃତ୍ରିମ ରହିବା ।

କେତେକ ପେଣ୍ଟିକଷ୍ଟ ମଣ୍ଡଳୀ ଓ ଅନ୍ୟାନ୍ୟ ଏପରି ମଣ୍ଡଳୀରେ ପରଭାଷା କହିବାବେଳେ ଲୋକେ ପ୍ରବଳ ଉତ୍ତେଜନା ପ୍ରକାଶ କରିଥାନ୍ତି, ଛଟିପିଟି ହୁଅନ୍ତି, ଅନିୟନ୍ତ୍ରିତ ଭାବରେ ଚିତ୍କାର କରନ୍ତି, ନିଜ ଉପରୁ ନିୟନ୍ତ୍ରଣ ହରାଇବସନ୍ତି । ଏସବୁ ଅନାବଶ୍ୟକ ଓ ବିଶୃଙ୍ଖଳିତ ଏବଂ ବିପଜ୍ଜନକ ମଧ୍ୟ । ଯଦି ଆମେ ନିଜ ଉପରୁ ନିୟନ୍ତ୍ରଣ ହରାଇବସୁ, ତେବେ ପ୍ରେତାତ୍ମାମାନଙ୍କ ଦ୍ୱାରା କବଳିତ ହେବାପାଇଁ ଆମେ ଅଯଥା ନିଜକୁ ପ୍ରଦର୍ଶିତ

କରୁ । ଯଦି ଏହା ଲାଗିରହେ ତେବେ ଶୟତାନର ପ୍ରବଞ୍ଚନା ଓ ଅତ୍ୟାଚାରର ଶିକାର ହେବା ସ୍ୱାଭାବିକ । ତେଣୁ ଏପରି ଅଭ୍ୟାସକୁ ନିରୁତ୍ସାହିତ କରିବା ଆବଶ୍ୟକ । ଈଶ୍ୱରଙ୍କ ଆତ୍ମାଙ୍କ ନିକଟରେ ନିଜକୁ କିପରି ସମର୍ପଣ କରିବାକୁ ହୁଏ ତାହା ଲୋକମାନଙ୍କୁ ବୁଝାଇବା ଆବଶ୍ୟକ । ଈଶ୍ୱରଙ୍କ ଆତ୍ମାଙ୍କ ନିକଟରେ ସମର୍ପିତ ହେବା ଆମର ଇଚ୍ଛା ଉପରେ ନିର୍ଭର କରେ । ଆମେ ତାଙ୍କ ସହିତ ଗମନ କରିବାକୁ ମନୋନୀତ କରିବା, ତାଙ୍କର ସହଯୋଗ କରିବା ଓ ସେ ଯାହା କରିବାକୁ କହନ୍ତି ତାହା କରିବା । ତେଣୁ ସାଧାରଣତଃ ଆମେ ନିଜ ଉପରୁ ନିୟନ୍ତ୍ରଣ ହରାଇ ନ ଥାଉ (ଯଦି ପାଉଲଙ୍କପରି ସ୍ୱର୍ଗୀୟ ଆଲୋକର ପ୍ରଭାବରେ ଆମେ ଭୂମିରେ ପଡ଼ି ନ ଯାଉ- ପ୍ରେରିତ ୯:୩,୪) । ବରଂ ଆମେ ପବିତ୍ର ଆତ୍ମାଙ୍କ ପ୍ରଭାବରେ ଆମ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରୁ ଯେପରି କି ସେ ଆମ ଇଚ୍ଛାର ସହଯୋଗରେ ଆମକୁ ଚାଳିତ କରନ୍ତି ।

## ୮. ମୁଁ ମଣ୍ଡଳୀ ଉପାସନାରେ ପରଭାଷାରେ ପ୍ରାର୍ଥନା କରିପାରିବି କି, ଯେତେବେଳେ ସମସ୍ତେ ସମବେତ ହୋଇଥାନ୍ତି ?

"ଆହୁରି ମଧ୍ୟ ସମସ୍ତ ମଣ୍ଡଳୀ ଯଦି ସମବେତ ହୁଏ ଓ ସମସ୍ତେ ପରଭାଷାରେ କଥା କହନ୍ତି, ପୁଣି, ସାଧାରଣ ବା ଅବିଶ୍ୱାସୀ ଲୋକମାନେ ଆସନ୍ତି, ତାହାହେଲେ ତୁମ୍ଭେମାନେ ପାଗଳ ବୋଲି କ'ଣ ସେମାନେ କହିବେ ନାହିଁ? ଯଦି କେହି ପରଭାଷାରେ କଥା କହେ, ତେବେ ଦୁଇ ବା ଅଧିକ ହେଲେ ତିନି ଜଣ ପାଳି ଅନୁସାରେ କହନ୍ତୁ, ଆଉ ଜଣେ ଅର୍ଥ କରୁ । କିନ୍ତୁ ଯଦି କୌଣସି ଅର୍ଥକାରକ ନ ଥାଏ, ତାହାହେଲେ ସେ ମଣ୍ଡଳୀରେ ନୀରବ ରହୁ ଓ ନିରୋଳାରେ ଈଶ୍ୱରଙ୍କୁ କହୁ" (୧କରିନ୍ଥୀ ୧୪:୨୩,୨୭,୨୮) ।

ହଁ! ଆମେ ଏକ ଦଳଗତ ଉପାସନାରେ ପରଭାଷାରେ ପ୍ରାର୍ଥନା କରିପାରିବା, ଯଦି ତାହା ଈଶ୍ୱର ଓ ଆମ ମଧ୍ୟରେ ସୀମିତ ରହେ ଓ କୌଣସି ବିଶୃଙ୍ଖଳା ବ ବ୍ୟାଘାତ ସୃଷ୍ଟି ନ କରେ (୨୮ ପଦ) । ତା' ହେଲେ ଯଦି କୌଣସି ଅବିଶ୍ୱାସୀ ବା ମଣ୍ଡଳୀ ଉପାସନାରେ କେବେ ଯୋଗ ଦେଇ ନ ଥିବା ଅନ୍ୟ କେହି ସେଠାରେ ଉପସ୍ଥିତ ଥାଏ ଓ କ'ଣ ଘଟୁଛି ବୁଝି ପାରେ ନାହିଁ ତେବେ ସେ ଅପ୍ରତିଭ ହେବ ନାହିଁ (୨୩ ପଦ) । ମନେକରନ୍ତୁ ଆପଣ ଏକ କ୍ଷୁଦ୍ର ଦଳରେ ଅଛନ୍ତି ଓ ଦଳର ସମସ୍ତେ ପରଭାଷାରେ ପ୍ରାର୍ଥନା କରିବା ଜାଣନ୍ତି, ତେବେ ଆପଣ ପରଭାଷାରେ ପ୍ରାର୍ଥନା କଲାବେଳେ ଉଚ୍ଚସ୍ୱରରେ ତାହା କରିପାରିବେ । ତେବେ ଆପଣ ଯଦି ପରଭାଷାରେ ସମ୍ବାଦ ପ୍ରକାଶ କରିବାକୁ ଚାହାନ୍ତି, ଏହାର ଅର୍ଥ ପ୍ରକାଶ କରିବା ଆବଶ୍ୟକ (୨୭ ପଦ) । ୧କରିନ୍ଥୀ ୧୪:୨୩ର ଉଦ୍ଦେଶ୍ୟ ଏହି ଯେ ଯେଉଁମାନେ ଆମ ପାଖରେ ରହିଛନ୍ତି ଆମେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ହେବ ଏବଂ ନିୟମ ଅନୁସାରେ ପରଭାଷା କହିବା କି ନ କହିବା ସେଥିପ୍ରତି ଦୃଷ୍ଟିଦେବାକୁ ହେବ ।

## ୯.  ଅଧିକରୂପେ ପରଭାଷା କହିବା କ'ଣ ଠିକ୍ ?

ହଁ! କରିନ୍ଥୀୟ ମଣ୍ଡଳୀ ଆତ୍ମିକ ଦାନଗୁଡ଼ିକ ବିଷୟରେ ଅତ୍ୟନ୍ତ ଉଦ୍‌ଯୋଗୀ ଥିଲେ । ଆତ୍ମିକ ଦାନ ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦେବାବେଳେ ପାଉଲ କହିଲେ, *"ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ଆତ୍ମିକ ଦାନସବୁ ପାଇବାକୁ ଏକାନ୍ତ ଚେଷ୍ଟା କରୁଥିବାରୁ ମଣ୍ଡଳୀର ନିଷ୍ଠା ନିମନ୍ତେ ସେହିସବୁ ପ୍ରଚୁର ପରିମାଣରେ ପାଇବାକୁ ଚେଷ୍ଟା କର" (୧କରିନ୍ଥୀ ୧୪:୧୨) ।* ସେମାନେ ଯେତେବେଳେ ଉପାସନା କରିବାକୁ ଏକତ୍ରିତ ହେଉଥିଲେ, ପ୍ରତ୍ୟେକେ କିଛି ଆତ୍ମିକଦାନ ପ୍ରକାଶ କରିବାକୁ ଲାଳାୟିତ ଥିଲେ । ତେଣୁ ପାଉଲ ସେମାନଙ୍କୁ ଶିକ୍ଷା ଦିଅନ୍ତି, *"ହେ ଭାଇମାନେ, ତେବେ କର୍ତ୍ତବ୍ୟ କ'ଣ ? ତୁମ୍ଭେମାନେ ସମବେତ ହେବା ସମୟରେ ଗୀତ, ବା ଶିକ୍ଷା, ବା ପ୍ରକାଶିତ ବାକ୍ୟ, ବା ପରଭାଷା, ବା ଭାଷାର ଅର୍ଥ, ଏପରି ପ୍ରତ୍ୟେକର କିଛି ନା କିଛି ଅଛି । ସମସ୍ତ ବିଷୟ ନିଷ୍ଠା ନିମନ୍ତେ କରାଯାଉ" (୧କରିନ୍ଥୀ ୧୪:୨୬) ।* ଯେଉଁମାନେ ଅଧିକ ପରଭାଷା କହୁଥିଲେ ଓ ଅନ୍ୟାନ୍ୟ ଦାନ ପ୍ରକାଶ କରୁଥିଲେ, ହୁଏତ ସେମାନଙ୍କ ପ୍ରତି ପ୍ରେରିତ ପାଉଲ କହନ୍ତି, *"ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକରୂପେ ପରଭାଷାରେ କଥା କହେ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି" (୧କରିନ୍ଥୀ ୧୪:୧୮)* । ତେଣୁ ପାଉଲ ନିଶ୍ଚେ ଅଧିକରୂପେ ପରଭାଷା କହୁଥିଲେ ।

## ୧୦.  ପରଭାଷା ମୁଁ କହୁଛି ଅଥବା ପବିତ୍ର ଆତ୍ମା ମୋଦେଇ କହୁଅଛନ୍ତି ?

"ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ" (ପ୍ରେରିତ ୨:୪) ।

"କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ" (୧କରିନ୍ଥୀ ୧୪:୧୪) ।

ଆପଣ ଯଦି ପରଭାଷାରେ କହୁଛନ୍ତି, ଆପଣ ହିଁ ତାହା କହୁଛନ୍ତି । ଏହା ଆପଣଙ୍କ ଇଚ୍ଛା ଅନୁରୂପ କାର୍ଯ୍ୟ । ଏଥିନିମନ୍ତେ ଆପଣଙ୍କ ସ୍ୱରତନ୍ତ୍ରୀ ବ୍ୟବହୃତ ହୁଏ ଏବଂ ଏଥିରେ ଆପଣଙ୍କର ଆପଣା ସ୍ୱର, ଧ୍ୱନିମାତ୍ରା ଓ ବେଗ ରହିଥାଏ । ପବିତ୍ର ଆତ୍ମା କେବଳ ଶବ୍ଦାବଳୀ ବା ବିଷୟବସ୍ତୁ ଯୋଗାଇଦିଅନ୍ତି, ଯାହା ଆପଣଙ୍କ ଆତ୍ମାଦ୍ୱାରା ଆପଣ କହିଥାନ୍ତି । ତେଣୁ ଆଶା କରନ୍ତୁ ନାହିଁ ଯେ ପବିତ୍ର ଆତ୍ମା ହଠାତ୍ ଆପଣଙ୍କ ଜିହ୍ୱାକୁ ତାଙ୍କ ନିୟନ୍ତ୍ରଣତାକୁ ନେଇଯିବେ, ଏହାକୁ ଚାଳିତ କରିବେ ଏବଂ ତହିଁରୁ ଶବ୍ଦାବଳୀ ନିର୍ଗତ ହେବାକୁ ଦେବେ । ତାହାହେବ ନାହିଁ । ଆପଣଙ୍କୁ ପବିତ୍ରଆତ୍ମା ଯାହା କହିବାକୁ ଦେବେ ଆପଣ ସ୍ୱଇଚ୍ଛାରେ ତାହା କହି ପ୍ରକାଶ କରିବେ ।

# ୨
# ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ

ପରଭାଷାରେ ପ୍ରାର୍ଥନା କଲେ ଯେଉଁସବୁ ବିସ୍ମୟକର ଉପକାର ମିଳେ ସେବିଷୟରେ ନିମ୍ନରେ ଆଲୋଚିତ ହୋଇଛି ।

### ଅସୀମିତ ପ୍ରାର୍ଥନା

ଯଦି ଆମେ ଆମକୁ ଜଣାଥିବା କୌଣସି ଏକ ଭାଷାରେ ପ୍ରାର୍ଥନା କରିବା, ଆମେ ଯାହାକିଛି ଜାଣିଛୁ ତଦନୁସାରେ ପ୍ରାର୍ଥନା/ କରିବା । କିନ୍ତୁ ପରଭାଷାରେ ପ୍ରାର୍ଥନା କଲେ ଆମର ଆତ୍ମା ପବିତ୍ର ଆତ୍ମାଙ୍କଦ୍ୱାରା ଶକ୍ତିଯୁକ୍ତ ହୋଇ ନିଗୁଢ଼ ବିଷୟସବୁ ପ୍ରକାଶ କରି ପ୍ରାର୍ଥନା କରେ । ତେଣୁ ସେହି ପ୍ରାର୍ଥନାର ଉତ୍ସ ପବିତ୍ର ଆତ୍ମା ଅଟନ୍ତି ଏବଂ ବାଇବଲ କହେ ଯେ ଈଶ୍ୱରଙ୍କ ଆତ୍ମା ସମସ୍ତ ବିଷୟ ଜାଣନ୍ତି । ତେଣୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଆମେ ଅଜଣା ଲୋକଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରିବା, କାରଣ ପବିତ୍ର ଆତ୍ମା ସେହି ବ୍ୟକ୍ତି ବିଷୟରେ ଆମ ଦ୍ୱାରା ପ୍ରାର୍ଥନା କରାଇବେ । ଆମେ ଈଶ୍ୱରଙ୍କର ନିଗୁଢ଼ ବିଷୟସବୁକୁ ନେଇ ପ୍ରାର୍ଥନା କରିବା (୧କରିନ୍ଥୀ ୧୪:୨) । ଆମର ସମ୍ପୂର୍ଣ୍ଣ ପ୍ରାର୍ଥନା ଜୀବନ ପ୍ରସାରିତ ଓ ଅସୀମ ହୋଇଯାଏ । ଯଦି ପରଭାଷାରେ ପ୍ରାର୍ଥନା କଲେ ଆମର ପ୍ରାର୍ଥନା ଜୀବନ ଅସୀମିତ ହୋଇପାରୁଛି, ତେବେ ଆମେ ପରଭାଷାରେ ପ୍ରାର୍ଥନା କରିବା ପାଇଁ ଅଧିକ ଉତ୍ସାହିତ ହେବା ଉଚିତ । ତଥାପି, ଏହାର ଆହୁରି ଅନେକ ଲାଭ ରହିଛି ।

### ଈଶ୍ୱରଙ୍କ ସିଦ୍ଧ ଇଚ୍ଛାନୁସାରେ ପ୍ରାର୍ଥନା କରିବା

"ଆଉ, ସେହିପ୍ରକାରେ ଆତ୍ମା ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କ'ଣ ପ୍ରାର୍ଥନା କରିବା ଉଚିତ, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି; ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କ'ଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି" (ରୋମୀ ୮: ୨୬,୨୭) ।

ଆମେ ଏକ ଜାଣିଥିବା ଭାଷାରେ ପ୍ରାର୍ଥନା କଲେ ଆମେ ଜାଣିପାରି ନ ଥାଉ ଆମେ ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ପ୍ରକାରେ ପ୍ରାର୍ଥନା କରୁଛୁ କି ନାହିଁ । କିନ୍ତୁ ପବିତ୍ର ଆତ୍ମା

କେବେହେଲେ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ବା ପ୍ରତିକୂଳରେ ଯିବେ ନାହିଁ । ତେଣୁ ଆମେ ପରଭାଷାରେ ପ୍ରାର୍ଥନା କଲେ, ଆମେ ନିଶ୍ଚିତ ହୋଇଥାଉ ଯେ ଆମେ ଯାହା ଯାହା ପ୍ରାର୍ଥନା କରିଛୁ ତାହା ଈଶ୍ୱରଙ୍କ ଇଚ୍ଛା ପ୍ରକାରେ କରିଛୁ ।

### ଆମ ଶାରୀରିକ ଦୁର୍ବଳତାକୁ ଜୟ କରିବାକୁ ସାହାଯ୍ୟ

"ଆଉ, ସେହିପ୍ରକାରେ ଆତ୍ମା ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କ'ଣ ପ୍ରାର୍ଥନା କରିବା ଉଚିତ, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି" (ରୋମୀ ୮: ୨୬) ।

'ସାହାଯ୍ୟ' କରିବାର ଅର୍ଥ 'ଆପଣଙ୍କ ଦୁର୍ବଳତାରେ ଆପଣଙ୍କୁ ଧରି ରଖିବା' । ପବିତ୍ର ଆତ୍ମା ଆମର ଦୁର୍ବଳତାରେ ଆମର ସାହାଯ୍ୟ କରନ୍ତି କାରଣ ଆମେ ଜାଣି ନ ଥାଉ କେଉଁ ବିଷୟକୁ ନେଇ ଆମେ ପ୍ରାର୍ଥନା କରିବା ଉଚିତ । ଉଦାହରଣ ସ୍ୱରୂପ, ଆମର ଯଦି କୌଣସି ଦୁର୍ବଳତା ରହିଛି ଓ ଏଥିରୁ କିପରି ରକ୍ଷା ପାଇବାକୁ ହେବ ଆମେ ଜାଣୁ ନାହୁଁ, ଆମେ ପରଭାଷାରେ ପ୍ରାର୍ଥନା କରିପାରିବା ଓ ପ୍ରାର୍ଥନା ଚାଲୁ ରଖିଲେ, ଦୁର୍ବଳତାକୁ ଜୟ କରିବା ପାଇଁ ପବିତ୍ର ଆତ୍ମା ଆମକୁ ସାହାଯ୍ୟ କରିବେ । ବାପ୍ତିଜକ ଯୋହନ କହିଲେ ଯେ ଯୀଶୁ ଆମକୁ ପବିତ୍ର ଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ (ମାଥିଉ ୩:୧୧) । ଅଗ୍ନିରେ ବାପ୍ତିଜିତ ହେବାର ଅର୍ଥ ବ୍ୟକ୍ତିଗତ ସ୍ତରରେ ଥିବା ଅଗାଡ଼ିସବୁକୁ ଅର୍ଥାତ୍ ମାଂସିକ ବିଷୟସବୁକୁ ପୋଡ଼ି ପକାଇବା ।

### ଆତ୍ମିକ ଭାବରେ ଆମକୁ ଗଢ଼ିଥାଏ

"ଯେ ପରଭାଷାରେ କଥା କହେ, ସେ ନିଜର ନିଷ୍ଠା ଜନ୍ମାଏ" (୧କରିନ୍ଥୀ ୧୪:୪) ।

"କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣାମାନଙ୍କର ଧର୍ମଜୀବନରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର" (ଯିହୂଦା ୧:୨୦) ।

ଏକ ଅଜଣା ଭାଷାରେ ପ୍ରାର୍ଥନା କଲେ, ଆମେ ପ୍ରକୃତରେ ନିଜର ନିଷ୍ଠା ଜନ୍ମାଇଥାଉ- ଅର୍ଥାତ୍ ଆମର ଅତି ପବିତ୍ର ବିଶ୍ୱାସମତ ଉପରେ ଆମ ଜୀବନକୁ ଗଠନ କରୁ । ଆମ ମଧ୍ୟରୁ ଅନେକେ ଆତ୍ମିକ ଭାବରେ ଜୀବନଗଠନ କରିବାକୁ ବାଞ୍ଛା କରିଥାଉ । କିନ୍ତୁ ସେଠାରେ ପହଞ୍ଚିବାକୁ ଆମେ କ'ଣ କରୁ ? ଆମର ଆତ୍ମାରେ ବଳବାନ୍ ହେବାର ଅନ୍ୟତମ ମାର୍ଗସ୍ୱରୂପେ ଈଶ୍ୱର ଆମମାନଙ୍କୁ ପରଭାଷାରେ ପ୍ରାର୍ଥନାକୁ ଦେଇଛନ୍ତି । ଏହି ମାର୍ଗରେ ଆମେ ଆମର ଅନ୍ତରାତ୍ମାରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇଥାଉ,

ଯେପରି କୁହଯାଏ- *"ଯେପରି ସେ ଆପଣା ଗୌରବରୂପ ନିଧି ଅନୁସାରେ ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କୁ ଆନ୍ତରିକ ପୁରୁଷରେ ଶକ୍ତିପ୍ରାପ୍ତ ହୋଇ ବଳବାନ୍ ହେବାକୁ ଦିଅନ୍ତି" (ଏଫିସୀ ୩:୧୬) ।*

### ଈଶ୍ୱରଙ୍କ ପ୍ରେମରେ ଚାଲିବାପାଇଁ ସାହାଯ୍ୟ କରେ

"କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣାମାନଙ୍କର ଧର୍ମଜୀବନରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର, ପୁଣି ଅନନ୍ତ ଜୀବନ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦୟାର ଅପେକ୍ଷା କରି ଈଶ୍ୱରଙ୍କ ପ୍ରେମରେ ଆପଣାମାନଙ୍କୁ ସ୍ଥିର କରି ରଖ" (ଯିହୂଦା ୧:୨୦,୨୧) ।

ଆମେମାନେ ଯେତେବେଳେ ଆମର ଅତି ପବିତ୍ର ବିଶ୍ୱାସମତ ଉପରେ ଆମ ଜୀବନକୁ ଗଠନ କରୁ- ପବିତ୍ର ଆତ୍ମାରେ ପ୍ରାର୍ଥନା କରୁ- ଈଶ୍ୱରଙ୍କ ପ୍ରେମରେ ଆମେ ଚାଲିପାରିଥାଉ । ଏହା ଏକ ସ୍ୱଷ୍ଟ ପରିଣାମ ହୋଇଥାଏ, ଯେତେବେଳେ ଶାରୀରିକ କର୍ମସବୁର ପ୍ରତିକାର କରାଯାଏ ଓ ସେସବୁକୁ ଦୂର କରାଯାଏ ।

### ଏହା ବିଶ୍ରାମ ଓ ଆରାମ ଆଣିଥାଏ

"ନା, ମାତ୍ର ସେ ବିଦେଶୀୟ ଓଷ୍ଠାଧର ଓ ପରଭାଷା ଦ୍ୱାରା ଏହି ଲୋକମାନଙ୍କୁ କଥା କହିବେ; ସେ ସେମାନଙ୍କୁ କହିଲେ, 'ଏହି ବିଶ୍ରାମ, ତୁମ୍ଭେମାନେ କ୍ଲାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ, ପୁଣି, ଏହି ତ ଆରାମ,' ମାତ୍ର ସେମାନେ ଶୁଣିବାକୁ ସମ୍ମତ ହେଲେ ନାହିଁ" (ଯିଶା ୨୮:୧୧,୧୨) ।

ନିଶ୍ଚିତରୂପେ ଏହି ଶାସ୍ତ୍ରାଂଶ ପରଭାଷା କହିବା ଉପରେ କହେ କାରଣ ପାଉଲ ଯେତେବେଳେ ପରଭାଷାରେ ପ୍ରାର୍ଥନା କରିବା ପ୍ରସଙ୍ଗକୁ ଆଲୋଚନା କରନ୍ତି ଯିଶାଇୟ ପୁସ୍ତକର ଏହି ଶାସ୍ତ୍ରାଂଶକୁ ୧କରିନ୍ଥୀ ୧୪:୨୧ରେ ଉଦ୍ଧୃତ କରନ୍ତି । ଯେପରି ଆମର ଶରୀର କ୍ଲାନ୍ତ ହୋଇଯାଏ ଓ ବିଶ୍ରାମ ନେଇଥାଏ, ଆମର ଆତ୍ମା ମଧ୍ୟ ଆରାମ ଓ ବିଶ୍ରାମ ଆବଶ୍ୟକ କରେ, ଏବଂ ପରଭାଷାରେ ପ୍ରାର୍ଥନା ଦ୍ୱାରା ଆମେ ତାକୁ ସତେଜ କରିଥାଉ ।

### ଈଶ୍ୱରଙ୍କର ପ୍ରଶଂସା କରିବା ଓ ମହତ୍ତ୍ୱ ପ୍ରକାଶ କରିବାର ଅନନ୍ୟ ଏକ ମାର୍ଗ

"କ୍ରୀତୀୟ ଓ ଆରବୀୟ ଲୋକ ଯେ ଆମ୍ଭେମାନେ, ଆମ୍ଭେମାନେ ଆପଣା ଆପଣା ଭାଷାରେ ଏମାନଙ୍କୁ ଈଶ୍ୱରଙ୍କ ମହତ୍ ମହତ୍ କର୍ମର କଥା କହିବା ଶୁଣୁଅଛୁ" (ପ୍ରେରିତ ୨:୧୧) ।

"କାରଣ ସେମାନେ ସେମାନଙ୍କୁ ବିଭିନ୍ନ ଭାଷାରେ କଥା କହୁଥିବା ଓ ଈଶ୍ୱରଙ୍କ ପ୍ରଶଂସା କରୁଥିବା ଶୁଣୁଥିଲେ" (ପ୍ରେରିତ ୧୦:୧୬) ।

"....ମୁଁ ଆତ୍ମାଦ୍ୱାରା ସ୍ତୁତିଗାନ କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି" (୧କରିନ୍ଥୀ ୧୪:୧୫) ।

“ନତୁବା ତୁମ୍ଭେ ଯଦି ଆତ୍ମା ଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ଆମେନ୍ କହିବ ? ଯେଣୁ ତୁମ୍ଭେ ଉତ୍ତମରୂପେ ଧନ୍ୟବାଦ ଦେଉଅଛ ସତ, କିନ୍ତୁ ସେହି ଅନ୍ୟ ଜଣର ନିଷ୍ଠା ହୁଏ ନାହିଁ” (୧କରିନ୍ଥୀ ୧୪:୧୬,୧୭)।

ଏକ ଜାଣିଥିବା ଭାଷାରେ ଆମେ ଈଶ୍ୱରଙ୍କର ପ୍ରଶଂସା ଓ ଉପାସନା କରିବାକୁ ଯାଇ ଆଧାତ୍ମିକ ଗୀତସ୍ତୋତ୍ର ଗାନ କରିପାରୁ । କିନ୍ତୁ ଅନ୍ୟ ଏକ ମାର୍ଗରେ ଆମେ ଗୀତଗାନ ଓ ପ୍ରଶଂସାଗାନ କରିପାରୁ, ଧନ୍ୟବାଦ ଦେଇପାରୁ, ଖାଦ୍ୟ ନିମନ୍ତେ ଧନ୍ୟବାଦ ଦେଇପାରୁ, ଇତ୍ୟାଦି ଏବଂ ଏହା ପରଭାଷା ମାଧ୍ୟମରେ ହୋଇପାରିବ । ଅନେକ ସମୟରେ ଆମେ ଆମ ହୃଦୟର ସମସ୍ତ ଭାବନାକୁ ଈଶ୍ୱରଙ୍କ ନିକଟରେ ଢ଼ାଳି ଦେବାକୁ ଚାହିଁଥାଉ ଯାହା କୌଣସି ଜାଣିଥିବା ଭାଷାରେ କରିବା ସମ୍ଭବ ହୋଇ ନ ଥାଏ । ତେଣୁ ଆମେ ପରଭାଷାରେ ଈଶ୍ୱରଙ୍କର ପ୍ରଶଂସା ଓ ମହତ୍ତ୍ୱ ପ୍ରକାଶ କରିପାରିବା । ଆମେ ଯେଉଁମାନେ ପରଭାଷାରେ କଥା କହୁ, ଆମେ ଆମର ଅନୁଭୂତିରୁ ଜାଣୁ ଯେ ହୃଦୟର ଗଭୀର ବିଷୟସବୁକୁ ନିଜ ଭାଷାରେ ପ୍ରକାଶ କରିବା ସମ୍ଭବ ହୋଇ ନ ଥାଏ । ଯେତେବେଳେ ଆମେ ପରଭାଷାରେ ପ୍ରାର୍ଥନା ଓ ଉପାସନା କରୁ ଆମେ ଜାଣିପାରୁ ଯେ ଆମେ ଆପଣାକୁ “ଅଭିବ୍ୟକ୍ତ” କରିପାରିଛୁ । ପବିତ୍ର ଆତ୍ମା ଜାଣନ୍ତି ଏ ବିଷୟରେ କିପରି ସେ ଆମକୁ ସାହାଯ୍ୟ କରିବେ ।

## ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ନିଗୁଢ଼ତତ୍ତ୍ୱସବୁକୁ (ଗୁପ୍ତ ବିଷୟସବୁକୁ) ଗ୍ରହଣ କରିବା ପାଇଁ ଆମର ଆତ୍ମାକୁ ସମର୍ଥ କରେ

“ମାତ୍ର ଆମ୍ଭେମାନେ ନିଗୁଢ଼ତତ୍ତ୍ୱସ୍ୱରୂପ ଈଶ୍ୱରଙ୍କ ଜ୍ଞାନର କଥା କହୁଅଛୁ; ସେହି ଗୁପ୍ତ ଜ୍ଞାନ ଈଶ୍ୱର ଆମ୍ଭମାନଙ୍କ ଗୌରବ ନିମନ୍ତେ ଜଗତର ପୂର୍ବେ ନିରୂପଣ କରିଥିଲେ । ଏହି ଯୁଗର ନେତାମାନଙ୍କ ମଧ୍ୟରେ କେହି ତାହା ଜାଣି ନାହାନ୍ତି, କାରଣ ସେମାନେ ତାହା ଜାଣିଥିଲେ ଗୌରବମୟ ପ୍ରଭୁଙ୍କୁ କ୍ରୁଶରେ ହତ କରି ନ ଥାଆନ୍ତେ; କିନ୍ତୁ ଯେପରି ଲେଖାଅଛି, ‘ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି’ । କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପବିତ୍ର ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି; ଯେଣୁ ସେହି ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି । କାରଣ ମନୁଷ୍ୟର ବିଷୟସବୁ ମନୁଷ୍ୟଠାରେ ଥିବା ଆତ୍ମା ବିନା ଆଉ କିଏ ଜାଣେ ? ସେହିପରି ମଧ୍ୟ ଈଶ୍ୱରଙ୍କ ବିଷୟସବୁ ଈଶ୍ୱରଙ୍କ ଆତ୍ମା ବିନା ଆଉ କେହି ଜାଣେ ନାହିଁ । ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦିଆଯାଇଥିବା ବିଷୟଗୁଡ଼ିକ ଆମ୍ଭେମାନେ ଜାଣି ପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ ।

ସେହିସମସ୍ତ ବିଷୟ ମଧ୍ୟ ଆମ୍ଭେମାନେ ମନୁଷ୍ୟର ଜ୍ଞାନର ଶିକ୍ଷା ଦ୍ୱାରା ବାକ୍ୟରେ କହି ନ ଥାଉ, ମାତ୍ର ଆତ୍ମିକ ବିଷୟସବୁ ଆତ୍ମିକ ବିଷୟଦ୍ୱାରା ବୁଝାଇ ଆତ୍ମାଙ୍କ ଦ୍ୱାରା ଶିକ୍ଷିତ ବାକ୍ୟରେ କହିଥାଉ । କିନ୍ତୁ ସାଂସାରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା, ପୁଣି, ସେ ସେହିସବୁ ବୁଝି ପାରେ ନାହିଁ, ଯେଣୁ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ । ମାତ୍ର ଯେ ଆତ୍ମିକମନା, ସେ ସମସ୍ତ ବିଷୟ ବିଚାର କରେ, ତଥାପି କେହି ତା'ର ବିଚାର କରେ ନାହିଁ । କାରଣ କିଏ ପ୍ରଭୁଙ୍କ ମନ ଜାଣିଅଛି ଯେ, ସେ ତାହାକୁ ଶିକ୍ଷା ଦେଇ ପାରେ ? କିନ୍ତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମନ ପାଇଅଛୁ" (୧କରିନ୍ଥୀ ୨:୬-୧୬) ।

"କାରଣ ଯେ ପରଭାଷାରେ କଥା କହେ, ସେ ମନୁଷ୍ୟକୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ" (୧କରିନ୍ଥୀ ୧୪:୨) ।

ଅନେକ ସମୟରେ ଆମେ ପରଭାଷାରେ ପ୍ରାର୍ଥନା କରିବା ସମୟରେ ଆମେ ଯାହା କହୁଛୁ ତାହା ଆମର ଆତ୍ମାକୁ ଜଣାଇ ଦିଆଯାଏ । ମୋ ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା ଆମିଙ୍କୁ ବିବାହ କରିବା, ଏବଂ ଏହା ମୁଁ ପରଭାଷାରେ ପ୍ରାର୍ଥନା କରିବା ସମୟରେ ଜାଣି ପାରିଥିଲି । ନ୍ୟୁ ଜେର୍ସିରେ ଅଧ୍ୟୟନ କରୁଥିବାବେଳେ ଦିନେ କଲେଜରୁ ମୁଁ ଘରକୁ ଫେରିଲି ଓ ପରଭାଷାରେ ପ୍ରାର୍ଥନା କରୁଥିଲି, ସେତେବେଳେ ମୁଁ ମୋର ଆତ୍ମାରେ ବୋଧ ପାଇଲି ଯେ ମୁଁ ଆମି ନିକଟକୁ ପତ୍ର ଲେଖି ସେ ମୋତେ ବିବାହ କରିବା ପାଇଁ ଇଚ୍ଛୁକ ହେବେ କି ନାହିଁ ତାହା ପଚାରିବା ଆବଶ୍ୟକ । ମୁଁ ଆମିଙ୍କୁ ଆଗରୁ କେବେ ଦେଖି ନ ଥିଲି ଏବଂ ସେ ମଧ୍ୟ ମୋତେ ଦେଖି ନ ଥିଲେ । ଏହ ପୂର୍ବରୁ ଆମ ମଧ୍ୟରେ ପତ୍ରାଳାପ ହୋଇଥିଲା, କାରଣ ସେ ମନିପାଲ୍‌ରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଭୁଙ୍କ କାର୍ଯ୍ୟ କରୁଥିଲେ ଏବଂ ମୁଁ ସେତେବେଳେ ମନିପାଲ୍‌ରେ ଇଞ୍ଜିନିୟରିଂ ପଢ଼ା କରୁଥିଲି ଓ ଛାତ୍ରମାନଙ୍କ ମଧ୍ୟରେ ପ୍ରଭୁଙ୍କ କାର୍ଯ୍ୟ କରୁଥିଲି । ଏହି ପ୍ରସ୍ତାବ ଯେ ପ୍ରଭୁଙ୍କ ଆଡୁ ଆସିଥିଲା ସେ ବିଷୟରେ ମୁଁ ମୋର ଆତ୍ମାରେ ନିଶ୍ଚିତ ଥିଲି । ୨୨ ନଭେମ୍ବର ୧୯୯୩ରେ ମୁଁ ଆମିଙ୍କୁ ପତ୍ର ଲେଖିଥିଲି ଓ ସେହିଦିନ ହିଁ ମନିପାଲ୍‌ରେ ଥିବା ଆମିଙ୍କର ଜଣେ ବାନ୍ଧବୀ ତାଙ୍କୁ ପଚାରିଥିଲେ, "ଆଶିଷ୍ ଯଦି ତୁମକୁ ବିବାହ କରିବାକୁ ପ୍ରସ୍ତାବ ଦେବେ ସେଥିରେ ତୁମେ କ'ଣ ରାଜି ହେବ ?" ପବିତ୍ର ଆତ୍ମାରେ ପ୍ରାର୍ଥନା କଲେ, ଆମର ଆତ୍ମା ଆମ ଜୀବନ ନିମନ୍ତେ ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଜାଣିପାରିଥାଏ ।

**ଆମ ମଧ୍ୟରେ ଥିବା ଈଶ୍ୱରଙ୍କ ଦାନଗୁଡ଼ିକୁ ଜଳାଇ ରଖିବାରେ ସାହାଯ୍ୟ କରେ**

"ଏହି କାରଣରୁ ମୁଁ ତୁମ୍ଭକୁ ସ୍ମରଣ କରାଉଅଛି ଯେ, ତୁମ୍ଭଠାରେ ଈଶ୍ୱରଙ୍କର ଯେଉଁ ଅନୁଗ୍ରହଦାନ ଅଛି, ତାହା ପୁନଃପ୍ରଜ୍ୱଳିତ କର" (୨ତୀମଥି ୧:୬) ।

ଈଶ୍ୱର ପ୍ରତ୍ୟେକ ବିଶ୍ୱାସୀଙ୍କୁ କିଛି ନା କିଛି ଦାନ ଦେଇଛନ୍ତି । ତେବେ ଆମେ ସେଗୁଡ଼ିକୁ ସୁପ୍ତ ଅବସ୍ଥାରେ ରଖିଥାଉ ଏବଂ ଆମେ ବୁଝୁ ଯେ ସେଗୁଡ଼ିକୁ ପୁନଃପ୍ରଜ୍ୱଳିତ କରିବା ଆବଶ୍ୟକ । ପାଉଲ ତୀମଥିଙ୍କୁ କହିଲେ ଯେ ସେ ତାଙ୍କର ଦାନସକଳକୁ ପୁନଃପ୍ରଜ୍ୱଳିତ କରନ୍ତୁ ଓ ଜଳାଇ ରଖନ୍ତୁ । ଆମର ଅନୁଭୂତିରୁ ଆମେ ଜାଣୁ ଯେ, ମୂଳ ଆତ୍ମିକ ଦାନ – ପରଭାଷାରେ ପ୍ରାର୍ଥନା କରିବାକୁ ବ୍ୟବହାର କରିବା ଦ୍ୱାରା ଅନ୍ୟ ଯେଉଁସବୁ ଦାନ ଈଶ୍ୱର ଆମମାନଙ୍କ ଜୀବନରେ ରଖିଅଛନ୍ତି ତାହା ପୁନଃପ୍ରଜ୍ୱଳିତ କରିବା ସହଜ ହୋଇଥାଏ । ପରଭାଷାରେ ପ୍ରାର୍ଥନା କଲେ ଆମେ ଈଶ୍ୱରଙ୍କ ଆତ୍ମାଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହେଉ । ଆମେ ଆମର ଅନ୍ତରାତ୍ମାକୁ ସବଳ କରୁ । ଆତ୍ମିକ ଦାନସକଳକୁ ବ୍ୟବହାର କରିବାର ଭୟ ଓ ଅବରୋଧ କରୁଥିବା ଅନ୍ୟସମସ୍ତ ବିଷୟକୁ ଆମେ ଜୟ କରି ପାରିବା ।

# ୩

# ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ସହିତ ପରଭାଷାରେ ପ୍ରାର୍ଥନା କରିବାର ଦାନ ଲାଭ କରିବା ପାଇଁ ପ୍ରାର୍ଥନା

ଆମେ ଯେପରି ଆଗରୁ ଏହି ପୁସ୍ତକରେ ଆଲୋଚନା କରିଛୁ, ପ୍ରତ୍ୟେକ ବିଶ୍ୱାସୀ ପରଭାଷାରେ ପ୍ରାର୍ଥନା କରିପାରିବେ । ଈଶ୍ୱର ସମସ୍ତ ଲୋକଙ୍କ ଉପରେ ତାଙ୍କ ଆତ୍ମାଙ୍କ ବୃଷ୍ଟି କରିବେ ବୋଲି ପ୍ରତିଜ୍ଞା କରିଛନ୍ତି । ଏହି ପୁସ୍ତକ ପାଠ କରୁ କରୁ ଆପଣ ଯଦି ପବିତ୍ରଆତ୍ମାରେ ପୂର୍ଣ୍ଣ ହେବାକୁ ଚାହାନ୍ତି ଈଶ୍ୱର ତାଙ୍କର ଆତ୍ମାକୁ ଆପଣଙ୍କ ଉପରେ ଢ଼ାଳିଦେବେ ।

ବାଇବଲ କହେ, "ତୁମ୍ଭେମାନେ ଶେଷ ବୃଷ୍ଟି ସମୟରେ ସଦାପ୍ରଭୁଙ୍କ ନିକଟରେ, ଅର୍ଥାତ୍ ଯେ ବିଜୁଳିର ସୃଷ୍ଟି କରନ୍ତି, ସେହି ସଦାପ୍ରଭୁଙ୍କ ନିକଟରେ ବୃଷ୍ଟି ମାଗ; ତହିଁରେ ସେ ପ୍ରଚୁର ବୃଷ୍ଟି ଦେଇ ପ୍ରତ୍ୟେକ ଜଣଙ୍କ କ୍ଷେତ୍ରରେ ତୃଣ ଦେବେ" (ଯିଖ ୧୦:୧) ।

ସେ କ୍ଷେତ୍ରର ସବୁ ତୃଣକୁ ବୃଷ୍ଟି ଜଳ ଦେବେ । ଆପଣ ଯଦି ମାଗନ୍ତି ସେ ଆପଣଙ୍କ ଉପରେ ପବିତ୍ର ଆତ୍ମାଙ୍କୁ ଢ଼ାଳିଦେବେ ।

"ପୁଣି, ଆମ୍ଭେମାନେ ଜ୍ଞାତ ହେଉ, ସଦାପ୍ରଭୁଙ୍କୁ ଜ୍ଞାତ ହେବା ପାଇଁ ତାହାଙ୍କ ପଶ୍ଚାତ୍‌ଗମନ କରୁ; ତାହାଙ୍କର ଉଦୟ ଅରୁଣୋଦୟର ତୁଲ୍ୟ ନିଶ୍ଚିତ; ଆଉ ସେ ଆମ୍ଭମାନଙ୍କ ନିକଟକୁ ବୃଷ୍ଟି ତୁଲ୍ୟ, ଭୂମି ସେଚନକାରୀ ଶେଷ ବୃଷ୍ଟି ତୁଲ୍ୟ ଆସିବେ" (ହୋଶେୟ ୬:୩) ।

ବୃଷ୍ଟି ସଦୃଶ ଈଶ୍ୱର ଆମ ନିକଟକୁ ଆସିବେ ଓ ଆମ ଜୀବନରେ ସତେଜତା ଓ ଉଦ୍ଦୀପନା ଆଣିବେ । ଆମେ କେବଳ ସରଳ ଭାବରେ ମାଗିବାକୁ ହେବ ।

"ଆଉ, ତୁମ୍ଭମାନଙ୍କ ମଧ୍ୟରେ ଏପରି ପିତା କିଏ ଅଛି, ଯାହାକୁ ତାହାର ପୁଅ ମାଛ ମାଗିଲେ ସେ ତାହାକୁ ମାଛ ବଦଳରେ ସାପ ଦେବ? କିମ୍ବା ଅଣ୍ଡା ମାଗିଲେ ସେ ତାହାକୁ ବିଛା ଦେବ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ପବିତ୍ର ଆତ୍ମା ଦେବେ" (ଲୂକ ୧୧:୧୧-୧୩) ।

ବାଇବଲ କହେ ଯେ ଯୀଶୁ ଆମକୁ ପବିତ୍ର ଆତ୍ମାରେ ବାପ୍ତିଜିତ କରିବେ (ମାଥିଉ ୩:୧୧) । ତେଣୁ ପବିତ୍ରଆତ୍ମାରେ ବାପ୍ତିଜିତ ହେବାପାଇଁ ଜଣେ ପାଳକ ବା ଈଶ୍ୱରଙ୍କ

ଲୋକଙ୍କର ଆବଶ୍ୟକତା ନାହିଁ । ଆମେ କେବଳ ଯୀଶୁଙ୍କୁ ମାଗିବା ଯେପରି ସେ ଆମକୁ ବାପ୍ତିଜିତ କରନ୍ତି ଓ ଆମ ଉପରେ ପବିତ୍ରଆତ୍ମାଙ୍କୁ ଢ଼ାଳି ଦିଅନ୍ତି । ସେ ଯେତେବେଳେ ତାଙ୍କର ଆତ୍ମାଙ୍କୁ ଡାକନ୍ତି ସ୍ୱର୍ଗୀୟ ଭାଷା ଆମ ମୁଖରୁ ନିର୍ଗତ ହେବ । ପ୍ରେରିତ ପୁସ୍ତକରେ ଏହା ହିଁ ଘଟିଥିଲା । ପବିତ୍ର ଆତ୍ମାଙ୍କୁ ଗ୍ରହଣ କଲା ପରେ, କିଛି ଅଲୌକିକ ବିଷୟ ଘଟିଥିଲା । ସେମାନେ ପରଭାଷାରେ ଈଶ୍ୱରଙ୍କର ଉପାସନା କରିବା ଆରମ୍ଭ କଲେ ।

"ଯୀଶୁଖ୍ରୀଷ୍ଟଙ୍କ ହେତୁ ଅବ୍ରହାମଙ୍କର ଆଶୀର୍ବାଦ ଯେପରି ଅଣଯିହୂଦୀମାନଙ୍କ ପ୍ରତି ବର୍ତ୍ତେ, ପୁଣି ଆମ୍ଭେମାନେ ଯେପରି ବିଶ୍ୱାସ ହେତୁ ପ୍ରତିଜ୍ଞାତ ଆତ୍ମା ପ୍ରାପ୍ତ ହେଉ, ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ଆମ୍ଭମାନଙ୍କୁ ମୂଲ୍ୟ ଦେଇ ମୁକ୍ତ କଲେ; କାରଣ ଲେଖାଅଛି, ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ" (ଗାଲାତୀ ୩:୧୩,୧୪) ।

ଆମେ ବିଶ୍ୱାସରେ ପ୍ରତିଜ୍ଞାତ ଆତ୍ମାଙ୍କୁ ଗ୍ରହଣ କରୁ ।

ଈଶ୍ୱର ତାଙ୍କ ପ୍ରତିଜ୍ଞାକୁ ଆପଣଙ୍କ ଜୀବନରେ ସଫଳ କରିବାକୁ ପ୍ରସ୍ତୁତ ଅଟନ୍ତି । କେବଳ ବିଶ୍ୱାସରେ ମାଗନ୍ତୁ ଓ ଗ୍ରହଣ କରନ୍ତୁ ।

ଏଠାରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ଏହା ମାଗିବା ଓ ଗ୍ରହଣ କରିବାରେ ଆପଣଙ୍କୁ ସାହାଯ୍ୟ କରିବ ।

**ପ୍ରାର୍ଥନା**

*ପ୍ରିୟ ପ୍ରଭୁ ଯୀଶୁ, ମୁଁ ତୁମଠାରେ ବିଶ୍ୱାସ କରେ । ପ୍ରାର୍ଥନା କରୁଛି, ମୋତେ ତୁମେ ପବିତ୍ର ଆତ୍ମାରେ ବାପ୍ତିଜିତ କର, ଯେପରି କି ମୁଁ ତୁମର ଜଣେ ସାକ୍ଷୀ ହେବା ନିମନ୍ତେ ଶକ୍ତିପ୍ରାପ୍ତ ହେବି । ସ୍ୱର୍ଗସ୍ଥ ପିତା, ମୋ ଉପରେ ତୁମର ଆତ୍ମାଙ୍କୁ ଢ଼ାଳିଦିଅ ବୋଲି ଯୀଶୁଙ୍କ ନାମରେ ମାଗୁଛି, କାରଣ ଶେଷକାଳରେ ତୁମର ଆତ୍ମାଙ୍କୁ ଢ଼ାଳିବ ବୋଲି ତୁମେ ପ୍ରତିଜ୍ଞା କରିଛ । ମୁଁ ଏବେ ବିଶ୍ୱାସରେ ତୁମର ପବିତ୍ର ଆତ୍ମାଙ୍କର ବୃଷ୍ଟିକୁ ଓ ତାଙ୍କର ସମସ୍ତ ଦାନକୁ ଗ୍ରହଣ କରୁଛି । ପବିତ୍ର ଆତ୍ମା ମୋ' ଉପରେ ଅଧିଷ୍ଠାନ କରୁଛନ୍ତି ଏବଂ ତାଙ୍କର ସମସ୍ତ ଦାନ ମଧ୍ୟ ମୋଠାରେ ଅବସ୍ଥାନ କରୁଛି । ପ୍ରଭୁ ଯୀଶୁ ଧନ୍ୟ ତୁମେ । ମୁଁ ଜଣେ ବିଶ୍ୱାସୀ ହୋଇଥିବାରୁ ଆତ୍ମା ମୋତେ ଯେପରି ସାମର୍ଥ୍ୟ ଦେଇଛନ୍ତି ତଦନୁସାରେ ମୁଁ ଏବେ ନୂତନ ଭାଷାରେ କଥା କହୁଛି । ମୁଁ ଆଶା କରୁଛି ଆତ୍ମାଙ୍କର ସମସ୍ତ ଦାନ ମୋର ଜୀବନ ଦେଇ ପ୍ରବାହିତ ହେବ । ଧନ୍ୟବାଦ ପ୍ରଭୁ ଯୀଶୁ । ପବିତ୍ର ଆତ୍ମା ତୁମକୁ ମୁଁ ସ୍ୱାଗତ କରୁଛି !*

ଏହି ପ୍ରାର୍ଥନା କରିବା ପରେ, ଆପଣ ଯେଉଁଠାରେ ରହିଥାଆନ୍ତୁ, ମୁଖ ଖୋଲନ୍ତୁ ଓ ଯାହା ନିର୍ଗତ ହେଉଛି କହିଚାଲନ୍ତୁ । ଆପଣଙ୍କ ସ୍ୱର ଓ ସ୍ୱରତନ୍ତ୍ରୀ କାର୍ଯ୍ୟ କରିବ । ପବିତ୍ର

ଆତ୍ମା ଭାଷା ପ୍ରଦାନ କରିବେ । ପ୍ରଥମେ ମନେ ହେବ ଆପଣ କିଛି ବିଚିତ୍ର ଶବ୍ଦ କହୁଛନ୍ତି । କିନ୍ତୁ ଆଗେଇ ଯାଆନ୍ତୁ ଓ ସ୍ୱର ଉଚ୍ଚାରଣ କରି କହିଚାଲନ୍ତୁ । ବିଶ୍ୱାସର ପଦକ୍ଷେପ ନେଲେ ଶବ୍ଦସବୁ ନିର୍ଗତ ହେବ । ମନେରଖନ୍ତୁ ଆପଣ ଏକ ସଙ୍ଗେ ଦୁଇଟି ଭାଷା କହି ପାରିବେ ନାହିଁ । ତେଣୁ ଆପଣ ଜାଣିଥିବା ଭାଷାରେ କହିବାକୁ ଚେଷ୍ଟା ନ କରନ୍ତୁ । 'ପ୍ରେଇଜ୍ ଦ ଲର୍ଡ଼୍' ବା 'ହାଲ୍ଲେଲୁୟା' ବାରମ୍ବାର ଶୀଘ୍ର କହିବାକୁ ଚେଷ୍ଟା ନ କରନ୍ତୁ । ଏହାର ଆବଶ୍ୟକତା ନାହିଁ । ଏହାଦ୍ୱାରା ଆତ୍ମା ଯେଉଁ ଭାଷା ପ୍ରଦାନ କରିବାକୁ ଯାଉଛନ୍ତି ତା'ର ପ୍ରବାହରେ ବାଧା ଜନ୍ମିବ । ତା' ପରିବର୍ତ୍ତେ, ଉପରୋକ୍ତ ପ୍ରାର୍ଥନା କରିବା ପରେ ବିଶ୍ୱାସର ପଦକ୍ଷେପ ନିଅନ୍ତୁ ଓ ନୂତନ ଭାଷାରେ କଥା କହନ୍ତୁ । ଯୀଶୁ କହନ୍ତି ଯେ ଆପଣା ତାହା କହିବେ, ତେଣୁ ଆପଣ ନୂତନ ଭାଷାରେ କହିବେ !

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

## ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ପେଣ୍ଟିକଷ୍ଟ ଦିବସରେ ପବିତ୍ରଆତ୍ମାଙ୍କର ମହାବୃଷ୍ଟିଠାରୁ ଆରମ୍ଭକରି ଆଜୁସା ସାହିର ଉଦ୍ଦୀପନା ଯାହା ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଥିଲା, ଏବଂ ଏପରି ଅନେକ ଅନେକ ଆତ୍ମାଙ୍କ ବୃଷ୍ଟି ଓ ଉଦ୍ଦୀପନା ଯାହା ଖ୍ରୀଷ୍ଟୀୟ ଇତିହାସରେ ଘଟିଯାଇଛି, ତଦ୍ଦ୍ୱାରା ପରଭାଷାରେ ପ୍ରାର୍ଥନା କରିବାର ଅନୁଭୂତି ଓ ଅଭ୍ୟାସ ଅଗଣିତ ଲୋକମାନଙ୍କ ନିମନ୍ତେ ମହା ଆଶୀର୍ବାଦ ଓ ଶକ୍ତି ଆଣିଦେଇଛି । ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହକୁ ଆବିଷ୍କାର କରନ୍ତୁ ଏବଂ କିପରି ଏହା ଆପଣଙ୍କ ଆତ୍ମିକ ଜୀବନକୁ ଅତ୍ୟନ୍ତ ପ୍ରଚୁର ଭାବରେ ଶକ୍ତିମନ୍ତ କରିପାରେ, ଜାଣନ୍ତୁ ।

ଆଶିଷ୍ ରାଇଚୁର୍